# ପୁଣି ବଢ଼ିଲା ସିଏନ୍‌ଜି ଦର

ନୂଆଦିଲ୍ଲୀ,୨୬।୫(ଏଜେନ୍ସି): ପେଟ୍ରୋଲ ଏବଂ ଡିଜେଲ ପରେ ଦେଶରେ ପୁଣି ଥରେ ସିଏନ୍‌ଜି ମହଙ୍ଗା ହୋଇଛି। ମଙ୍ଗଳବାର ଦିଲ୍ଲୀ-ଏନ୍‌ସିଆର୍‌ରେ ସିଏନ୍‌ଜି ମୂଲ୍ୟ କିଲୋଗ୍ରାମ ପ୍ରତି ୨ ଟଙ୍କା ବୃଦ୍ଧି ପାଇଛି। ପୂର୍ବରୁ ଶନିବାର ସିଏନ୍‌ଜି ମୂଲ୍ୟ କିଲୋଗ୍ରାମ ପ୍ରତି ୧ ଟଙ୍କା ବୃଦ୍ଧି ପାଇଥିଲା। ଦର ବୃଦ୍ଧି ପରେ ଦିଲ୍ଲୀରେ ସିଏନ୍‌ଜି ମୂଲ୍ୟ




୮୩.୦୯ ଟଙ୍କା ପ୍ରତି କିଲୋଗ୍ରାମରେ ପହଞ୍ଚିଛି। ଏହାକୁ ମିଶାଇଲେ ମାତ୍ର ୧୧ ଦିନରେ ସିଏନ୍‌ଜି ମୂଲ୍ୟରେ ଏହା ହେଉଛି ୪ର୍ଥ ବୃଦ୍ଧି। ମେ ୧୫ରୁ ସିଏନ୍‌ଜି ମୂଲ୍ୟ ୪ ଥର ବୃଦ୍ଧି ଘଟିଛି। ମେ ୧୫ ରେ ସିଏନ୍‌ଜି ମୂଲ୍ୟ ୨ଟଙ୍କା ପ୍ରତି କିଲୋଗ୍ରାମ, ମେ ୧୭ ରେ ଏବଂ ମେ ୨୩ରେ ୧ ଟଙ୍କା ପ୍ରତି କିଲୋଗ୍ରାମ ବୃଦ୍ଧି କରାଯାଇଥିଲା। ବର୍ତ୍ତମାନ, ପ୍ରତି କିଲୋଗ୍ରାମ ୨ ଟଙ୍କା ବୃଦ୍ଧି କରାଯାଇଛି। ମେ ୧୫ରୁ ଏ ପର୍ଯ୍ୟନ୍ତ ସିଏନ୍‌ଜି ମୂଲ୍ୟ ମୋଟ ୬ ଟଙ୍କା ପ୍ରତି କିଲୋଗ୍ରାମ ବୃଦ୍ଧି ପାଇଛି। ଗତକାଲି, ସୋମବାର ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି କରାଯାଇଥିଲା। ସିଏନ୍‌ଜି ମୂଲ୍ୟ ବୃଦ୍ଧି ଯୋଗୁଁ ଅଟୋ-ରିକ୍ସା, ଟ୍ୟାକ୍ସି ଏବଂ ସିଏନ୍‌ଜି ଚାଳିତ ବ୍ୟକ୍ତିଗତ ଯାନରେ ଦୈନନ୍ଦିନ ଯାତ୍ରା ମହଙ୍ଗା ହେବ। ଦିଲ୍ଲୀ ଏବଂ

**■ କିଲୋଗ୍ରାମ ପିଛା ୨ ଟଙ୍କା ବଢ଼ିଲା**
**■ ୧୧ ଦିନରେ ୪ର୍ଥ ଥର ପାଇଁ ବୃଦ୍ଧି**

ମୁମ୍ବାଇ ଭଳି ବଡ଼ ସହରରେ ସାର୍ବଜନୀନ ପରିବହନ ମାଧ୍ୟମର ଏକ ବଡ଼ ଅଂଶ (ବସ୍ ଏବଂ କ୍ୟାବ୍) ସିଏନ୍‌ଜି ଉପରେ ନିର୍ଭର କରିଥାଏ। ତେଣୁ ଏହି ନିଷ୍ପତ୍ତି ସିଧାସଳଖ ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ପ୍ରଭାବିତ କରିବ। ସିଏନ୍‌ଜି, ପେଟ୍ରୋଲ ଏବଂ ଡିଜେଲର ଏହି ନିରନ୍ତର ମୂଲ୍ୟ ବୃଦ୍ଧି ନିଶ୍ଚିତ ଭାବରେ ପରିବହନ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ବୃଦ୍ଧି କରିବ। ବଜାର ବିଶେଷଜ୍ଞଙ୍କ ମତରେ ଏହା ସିଧାସଳଖ ସାଧାରଣ ଲୋକଙ୍କ ରୋଷେଇ ଘର ଉପରେ ପ୍ରଭାବ ପକାଇବ।

# ତୈଳ ଓ ଗ୍ୟାସ୍ ଦରବୃଦ୍ଧି ବିରୋଧରେ ଗର୍ଜିଲା ବିଜୁ ମହିଳା ଜନତା ଦଳ

## ମାଟି ଚୁଲି ଓ କାଠ ଜାଳି ପ୍ରତୀକାତ୍ମକ ପ୍ରତିବାଦ

ଭୁବନେଶ୍ୱର, ୨୬।୫ (ସମିସ): ଅତ୍ୟାବଶ୍ୟକ ସାମଗ୍ରୀ ସମେତ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ୍‌ର କ୍ରମାଗତ ମୂଲ୍ୟ ବୃଦ୍ଧିକୁ ନେଇ ସରକାରଙ୍କ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଛି ବିଜୁ ମହିଳା ଜନତା ଦଳ। ମଙ୍ଗଳବାର ଅପରାହ୍ଣରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଏକ ବିଶାଳ ପ୍ରତିବାଦ ପ୍ରଦର୍ଶନ ଓ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଆନ୍ଦୋଳନରେ ମହିଳା ଜନତା ଦଳର ଶତାଧିକ ନେତା ଓ କର୍ମୀ ସାମିଲ ହୋଇ ସରକାରଙ୍କ ବିରୋଧରେ ଜୋରଦାର ନାରାବାଜି କରିଥିଲେ। ରାସ୍ତା ଉପରେ ମାଟି ଚୁଲି ଓ କାଠ ଜାଳି ପ୍ରତୀକାତ୍ମକ ଭାବେ ରନ୍ଧନ କରିବା ସହ ଖାଲି ଗ୍ୟାସ୍ ସିଲିଣ୍ଡର ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯଦି ସରକାର ତୁରନ୍ତ ଦରଦାମ ନିୟନ୍ତ୍ରଣ ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନ ନିଅନ୍ତି, ତେବେ ଏହି ଆନ୍ଦୋଳନ କେବଳ ରାଜଧାନୀରେ ସୀମିତ ନ ରହି ରାଜ୍ୟର ପ୍ରତ୍ୟେକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଏବଂ ବ୍ଲକ ତଥା ପଞ୍ଚାୟତସ୍ତରକୁ ସମ୍ପ୍ରସାରିତ କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ସାଂସଦ ସୁଲତା ଦେଓ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ।



## ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ

# ୩ ଦିନରେ ୨୧ ଲକ୍ଷ ଜରିମାନା ଆଦାୟ

କଟକ, ୨୬।୫ (ସମିସ): ରାଜ୍ୟରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଜାରି ରହିଛି। ଗତ ୩ ଦିନ ମଧ୍ୟରେ ମୋଟ ୪,୬୧୧ଟି ଇ-ଚାଲାଣ ଜାରି

**■ ୮ଟି ଗାଡ଼ି ଜବତ ଓ ୯୩ଟି ଡ୍ରାଇଭିଂ ଲାଇସେନ୍ସ ସସ୍‌ପେଣ୍ଡ**
**■ ଆନ୍ତଃରାଜ୍ୟ ବସ୍‌ଗୁଡ଼ିକର ପରମିଟ୍, ଫିଟନେସ୍ ଯାଞ୍ଚକୁ ଗୁରୁତ୍ୱ**

କରାଯିବା ସହ ୨୧ଲକ୍ଷରୁ ଅଧିକ ଟଙ୍କାର ଜରିମାନା ଆଦାୟ ହୋଇଛି। ଏଥିସହ ନିୟମ ଉଲ୍ଲଂଘନ କରିଥିବା ୮ଟି ଗାଡ଼ିକୁ ଜବତ କରାଯାଇଥିବା ବେଳେ ୯୩ଟି ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଛି। ଦ୍ରୁତ ଗତିରେ ଗାଡ଼ି ଚଲାଇବା ଯୋଗୁଁ ୧,୨୮୯ଟି ଏବଂ ବିନା ହେଲମେଟ୍‌ରେ ଗାଡ଼ି ଚାଳନା ଯୋଗୁଁ ୧,୨୧୯ଟି ଚାଲାଣ ଜାରି କରାଯାଇଛି। ସେହିପରି ମଦ୍ୟପାନ କରି ଗାଡ଼ି ଚଳାଇବା ଯୋଗୁଁ ୧୯୫ଟି ଚାଲାଣ ଏବଂ ବେଆଇନ ପାର୍କିଂ ପାଇଁ ୧୪୬ଟି ଚାଲାଣ ଜାରି ହୋଇଛି।

ଅନ୍ତଃରାଜ୍ୟ ବସ୍‌ଗୁଡ଼ିକର ପରମିଟ୍, ଫିଟନେସ୍ ଏବଂ ଟିକସ ଯାଞ୍ଚ, ଦ୍ରୁତ ଗାଡ଼ି ଚାଳନା, ବିନା ହେଲମେଟ୍‌ରେ ଗାଡ଼ି ଚାଳନା, ମଦ୍ୟପାନ କରି ଗାଡ଼ି ଚଲାଇବା, ବିପରୀତ ଦିଗରେ ଗାଡ଼ି ଚଲାଇବା, ଦୁଇଚକିଆ ଯାନରେ ଦୁଇରୁ ଅଧିକ ଯାତ୍ରା ସହ ଅନ୍ୟାନ୍ୟ ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନର ଯାଞ୍ଚ କରାଯାଉଛି। କଟକ ଆରଟିଓ ୩୪୯ଟି ଚାଲାଣ ଜାରି କରିଥିବା ବେଳେ ଭୁବନେଶ୍ୱର-୧ ୩୩୩ଟି, ବାଲେଶ୍ୱର ୨୯୮ଟି, ଝାରସୁଗୁଡ଼ା ୨୯୩ଟି ଏବଂ ପୁରୀ ଆରଟିଓ ୧୪୯ଟି ଚାଲାଣ ଜାରି କରିଛନ୍ତି। ସେହିପରି ଜରିମାନା ଆଦାୟ କ୍ଷେତ୍ରରେ ଖୋର୍ଦ୍ଧା ଏଆର୍‌ଟିଓ ୭.୮୬ଲକ୍ଷ ଟଙ୍କା ସଂଗ୍ରହ କରିଥିବା ବେଳେ ପୁରୀ ଆରଟିଓ ୩.୨୦ଲକ୍ଷ ଟଙ୍କା, ବୌଦ୍ଧ ଆରଟିଓ ୨.୨୩ଲକ୍ଷ ଟଙ୍କା, ଝାରସୁଗୁଡ଼ା ଆରଟିଓ ୧.୯୪ଲକ୍ଷ ଟଙ୍କା ଏବଂ ଭୁବନେଶ୍ୱର-୧ ଆରଟିଓ ୧.୫୩ ଲକ୍ଷ ଟଙ୍କା ଜରିମାନା ବାବଦକୁ ଆଦାୟ କରିଛନ୍ତି। ଆଗକୁ ମଧ୍ୟ ଏହି ଯାଞ୍ଚ ବ୍ୟବସ୍ଥା ବ୍ୟାପକ ଭାବେ ଜାରି ରହିବ। ତେଣୁ, ସମସ୍ତ ଗାଡ଼ି ମାଲିକ ଓ ଚାଳକମାନଙ୍କୁ ମୋଟର ଯାନ ଆଇନକୁ ସଠିକ୍ ପାଳନ କରି ସୁରକ୍ଷିତ ଭାବେ ଘରକୁ ଫେରିବାକୁ ରାଜ୍ୟ ପରିବହନ ପ୍ରାଧିକରଣ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

# ୩ ମାସର ଶିଶୁକନ୍ୟାକୁ ବିକିଦେଲା ମା’

ଜଳେଶ୍ୱର, ୨୬।୫(ସମିସ): ଅଭାବ ଅନଟନ ପାଇଁ ୩ ମାସର ଶିଶୁକନ୍ୟାକୁ ବିକିଦେଲା ମା’। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରେ ଏପରି ଏକ ହୃଦୟବିଦାରକ ଘଟଣା ଘଟିଛି। ଗତ କିଛି ମାସ ତଳେ ଏହି ଘଟଣା ଘଟିଥିଲେ ହେଁ ଏବେ ପଦାକୁ ଆସିଛି। ଶିଶୁକନ୍ୟା ବିକ୍ରି ଅର୍ଥରୁ ଭାଗ ନେବା ପାଇଁ ସମ୍ପର୍କୀୟମାନେ ମହିଳାଙ୍କୁ ଆକ୍ରମଣ କରିବାରୁ ଏହି ଘଟଣା ପଦାକୁ ଆସିଛି। ସୂଚନାନୁଯାୟୀ, ଜଳେଶ୍ୱର ପୌରାଞ୍ଚଳ ୮ ନଂ ୱାର୍ଡ ପଞ୍ଚୁଘଣ୍ଟା ଗ୍ରାମର ଜଣେ ଗରିବ ଆଦିବାସୀ ମହିଳା ଅଭାବ ଅନଟନରେ ପଡ଼ି ନିଜର ଜନ୍ମିତ ୩ ମାସର ଶିଶୁକନ୍ୟାକୁ ଭଦ୍ରକ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଥିଲେ। ଏହାର ଏକ ଭିଡ଼ିଓ ମଧ୍ୟ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଏହି ଘଟଣାଟି କିଛି ମାସ ତଳେ ଘଟିଥିବା ବେଳେ ଏବେ ଶିଶୁକନ୍ୟା ବିକ୍ରିର ଅର୍ଥରୁ ଭାଗ ନେବା ପାଇଁ ସମ୍ପର୍କୀୟମାନେ ତାଙ୍କ ଉପରେ ଚାପ ପକାଉଛନ୍ତି। ଏପରିକି, ଆକ୍ରମଣ କରିବା ସହ ଜୀବନରୁ ମାରିଦେବାର ଧମକ ଦେଉଛନ୍ତି ବୋଲି ମହିଳାଜଣଙ୍କ ଅଭିଯୋଗ କରିଛନ୍ତି।

# ରାଜ୍ୟରେ ଆଇପିଏଲ୍ ବେଟିଂ; ୧୮ ଗିରଫ

ଭୁବନେଶ୍ୱର, ୨୬।୫ (ସମିସ): ଆଇପିଏଲ୍ ବେଟିଂ ଅଭିଯୋଗରେ ଓଡ଼ିଶା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ମୋଟ ୧୮ ଜଣଙ୍କୁ ଗିରଫ କରିଥିବା ବେଳେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିଛି। ସେଥିମଧ୍ୟରୁ ୩୬ ଲକ୍ଷ ଟଙ୍କା ନଗଦ ରହିଛି। ଏହାସହ ସେମାନଙ୍କଠାରୁ ୨ଟି କାର୍ ଓ ୧୩ଟି ମୋବାଇଲ୍ ଜବତ କରିଛି।

ବିଭିନ୍ନ ଜିଲ୍ଲାରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ଦେଖିଲେ, ବେଟିଂ କାରବାର ବିରୋଧରେ ପୁରୀ ପୁଲିସକୁ ସବୁଠାରୁ ବଡ଼ ସଫଳତା ମିଳିଛି। ପୁରୀ ଜିଲ୍ଲାରେ ଗୋଟିଏ ମାମଲା ରୁଜୁ କରାଯାଇ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ସର୍ବାଧିକ ୨୫ଲକ୍ଷ ୩୫ ହଜାର ଟଙ୍କାର ନଗଦ ରାଶି ଜବତ ହୋଇଛି। ବ୍ୟାଙ୍କ ଆକାଉଣ୍ଟରେ ଥିବା ୩୧ଲକ୍ଷ ୮୧ହଜାର ୨୪୪ ଟଙ୍କାକୁ ଫ୍ରିଜ୍ କରାଯିବା ସହ ୬ଟି ମୋବାଇଲ ଜବତ କରାଯାଇଛି। ସେହିପରି, ସୁନ୍ଦରଗଡ଼ ଜିଲ୍ଲାରେ ମଧ୍ୟ ପୁଲିସ ବେଟିଂ ମାମଲାରେ ୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୬ଲକ୍ଷ ଟଙ୍କାର ନଗଦ ଅର୍ଥ, ୧୭ଲକ୍ଷ ୬୧ ହଜାର ୩୬୭ ଟଙ୍କାର ବ୍ୟାଙ୍କ ଜମା ଏବଂ ୫ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ସେହିପରି ଝାରସୁଗୁଡ଼ା ଜିଲ୍ଲାରୁ ମଧ୍ୟ ପୁଲିସ ଏକ ବଡ଼ ରାକେଟ୍ ଚିହ୍ନଟ କରି ସର୍ବାଧିକ ୮ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୫ଲକ୍ଷ ଟଙ୍କା ନଗଦ ଓ ବେଟିଂରେ ବ୍ୟବହୃତ ୨ଟି କାର୍ ଜବତ ହୋଇଛି। ଅପରପକ୍ଷେ, ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁର ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତା’ ନିକଟରୁ ୫୦,୨୦୦ ଟଙ୍କା ନଗଦ ଏବଂ ୨ଟି ମୋବାଇଲ୍ ଜବତ କରିଛି।

# ବରିଷ୍ଠ ସାମ୍ବାଦିକ ପୁଷ୍ପମିତ୍ର ମହାନ୍ତିଙ୍କ ପରଲୋକ

କଟକ, ୨୬।୫ (ସମିସ): ଓଡ଼ିଆ ଗଣମାଧ୍ୟମ ଜଗତର ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ତଥା ଦୈନିକ ‘ସମ୍ବାଦ’ର ଅବସରପ୍ରାପ୍ତ ବରିଷ୍ଠ ସହ ସମ୍ପାଦକ ପୁଷ୍ପମିତ୍ର ମହାନ୍ତିଙ୍କର ୬୦ ବର୍ଷ ବୟସରେ ମଙ୍ଗଳବାର ଅପରାହ୍ନରେ ପରଲୋକ ଘଟିଛି। ବିଶିଷ୍ଟ ସାହିତ୍ୟିକ, କଥା ସମ୍ରାଟ ତଥା ପୂର୍ବତନ ସାଂସଦ ସୁରେନ୍ଦ୍ର ମହାନ୍ତିଙ୍କ କନିଷ୍ଠ ପୁତ୍ର ପୁଷ୍ପମିତ୍ର ଗତ କିଛି ଦିନ ହେବ ଛାତିରେ କଫ ଜମିବା ଜନିତ ସମସ୍ୟା ଯୋଗୁଁ ଅସୁସ୍ଥ ଥିଲେ। ମଙ୍ଗଳବାର ହଠାତ୍ ସେ ଛାତିରେ ପ୍ରବଳ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ମର୍କତନଗର ସେକ୍ଟର-୬ସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ସଂକଟାପନ୍ନ ହେବାରୁ ତାଙ୍କୁ ତୁରନ୍ତ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରସାରିତ ହେବା ପରେ ସାମ୍ବାଦିକ, ସାହିତ୍ୟିକ ଓ ସାଂସ୍କୃତିକ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି।

ସୂଚନାଯୋଗ୍ୟ, ପୁଷ୍ପମିତ୍ର ଦୀର୍ଘ ବର୍ଷ ଧରି ଓଡ଼ିଆ ମୁଦ୍ରିତ ଗଣମାଧ୍ୟମ ସହ ସକ୍ରିୟ ଭାବେ ଜଡ଼ିତ ଥିଲେ। ସେ ଦୈନିକ ‘ସମ୍ବାଦ’ର କଟକ ଜିଲ୍ଲା ପ୍ରତିନିଧି ଭାବେ ନିଜର ସାମ୍ବାଦିକତା କ୍ୟାରିୟର ଆରମ୍ଭ କରି ପରବର୍ତ୍ତୀ ସମୟରେ ଭୁବନେଶ୍ୱର ସଂସ୍କରଣରେ ବରିଷ୍ଠ ସହ ସମ୍ପାଦକ ଭାବେ ସଫଳତାର ସହ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ସାମ୍ବାଦିକତା ସହ ସାହିତ୍ୟ କ୍ଷେତ୍ରରେ ମଧ୍ୟ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଥିଲା। ବିଶେଷକରି ତାଙ୍କ ଦ୍ୱାରା ଲିଖିତ ଅତି ଜନପ୍ରିୟ ସ୍ତମ୍ଭ ‘କାଠଯୋଡ଼ିରେ ସୁନା ମିଳୁଛି’ ଏବଂ ‘ଉଡ଼ନ୍ତା ଥାଳିଆ’ ପାଠକୀୟ ଆଦୃତି ଲାଭ କରିବା ସହ ବେଶ୍ ଚର୍ଚ୍ଚିତ ହୋଇଥିଲା। ସନ୍ଧ୍ୟାରେ ତାଙ୍କ ମୃତଦେହକୁ



**ସାମ୍ବାଦିକତା ଓ ସାହିତ୍ୟ ଜଗତରେ ଶୋକର ଛାୟା**

ସେଲ୍ଟର ଛକସ୍ଥିତ ପୈତୃକ ବାସଭବନ ‘ଶିବାନୀ ହାଉସ’କୁ ଅଣାଯିବା ପରେ ସେଠାରେ ସହରର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ, ବରିଷ୍ଠ ସାମ୍ବାଦିକ, ବୁଦ୍ଧିଜୀବୀ ଓ ବନ୍ଧୁପରିଜନ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ପ୍ରୀତି ମହାପାତ୍ର, କନ୍ୟା ଇଞ୍ଜିନିୟର ଶ୍ୱେତା ମହାନ୍ତି, ବଡ଼ ଭଉଣୀ ତଥା ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତିଙ୍କ ସମେତ ସମସ୍ତ ଜ୍ଞାତିକୁଟୁମ୍ବ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଆସନ୍ତାକାଲି ଅପରାହ୍ଣରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ସୂତ୍ରରୁ ସୂଚନା ମିଳିଛି।

**■ ଏନଡିପିଏସ ମାମଲା ତଦନ୍ତ ପ୍ରକ୍ରିୟାରେ ବାଧ୍ୟତାମୂଳକ ନିୟମାବଳୀ ଉଲ୍ଲଂଘନ**

# ହାଇକୋର୍ଟଙ୍କ ଉଦ୍‌ବେଗ

କଟକ, ୨୬।୫(ସମିସ): ଯେତେବେଳେ କୌଣସି ଚଢ଼ଉ ପୂର୍ବ ସୂଚନା ଆଧାରରେ ହୋଇଥାଏ, ସେତେବେଳେ ଏନଡିପିଏସ ଆଇନର ଧାରା ୫୦ ଅନୁଯାୟୀ ଅଭିଯୁକ୍ତଙ୍କର ବ୍ୟକ୍ତିଗତ ଯାଞ୍ଚ ଜଣେ ମାଜିଷ୍ଟ୍ରେଟ୍ କିମ୍ବା ଗେଜେଟେଡ୍ ଅଫିସରଙ୍କ ସମ୍ମୁଖରେ ହେବା ବାଧ୍ୟତାମୂଳକ। ଏନ୍‌ଡିପିଏସ୍ ଆଇନର ବାଧ୍ୟତାମୂଳକ ନିୟମାବଳୀର ଉଲ୍ଲଂଘନକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରି ଏହା କହିଛନ୍ତି। ଚୋରା ଗଞ୍ଜେଇ ଚାଲାଣ ମାମଲରେ ରାୟଗଡ଼ା ସ୍ପେଶାଲ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ

**ଅଭିଯୁକ୍ତଙ୍କ ବିରୋଧରେ ଦଣ୍ଡାଦେଶ ରଦ୍ଦ**

ହୋଇ ୧୦ବର୍ଷର ସଜା କାଟୁଥିବା ହରିୟାଣାର ଅଭିଯୁକ୍ତ ଦଲସେର ସିଂହଙ୍କୁ ହାଇକୋର୍ଟ ନିର୍ଦ୍ଦୋଷରେ ଖଲାସ କରିବା ସହ ଏପରି ରାୟ ପ୍ରକାଶ କରିଛନ୍ତି। ଅବକାରୀ ବିଭାଗ ଏହାକୁ ଏକ ‘ଆକସ୍ମିକ ଜବତ’ ବା ରୁଟିନ୍ ପାଟ୍ରୋଲିଂ ସମୟର ଘଟଣା ବୋଲି କୋର୍ଟରେ ଦର୍ଶାଇଥିଲା, ଫଳରେ ସେମାନଙ୍କୁ କଠୋର ଆଇନଗତ ନିୟମ ପାଳନ କରିବାକୁ ପଡ଼ିନଥିଲା। କିନ୍ତୁ ହାଇକୋର୍ଟ ନିମ୍ନ ଅଦାଲତର ରେକର୍ଡ ଯାଞ୍ଚ କରି ଏହା କୌଣସି ଆକସ୍ମିକ ଘଟଣା ନଥିଲା, ବରଂ ଏକ ପୂର୍ବ-ଯୋଜନାବଦ୍ଧ ଚଢ଼ଉ ଥିବା ଜାଣିବାକୁ ପାଇଥିଲେ। ଅଭିଯୁକ୍ତଜଣଙ୍କ ହରିୟାଣାର ବାସିନ୍ଦା ହୋଇଥିବା ବେଳେ ଜବତ ସମୟର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ କେବଳ ଓଡ଼ିଆ ଭାଷାରେ ପ୍ରସ୍ତୁତ କରାଯାଇ ତାଙ୍କର ଦସ୍ତଖତ ନିଆଯାଇଥିଲା। ତାଙ୍କୁ ନିଜ ଭାଷାରେ ଏହି ବିଷୟରେ ବୁଝାଯାଇନଥିବାରୁ ଏହା ସମ୍ବିଧାନର ଧାରା ୨୧ (ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାର) ଅଧୀନରେ ଥିବା ସ୍ୱଚ୍ଛ ବିଚାର ପ୍ରକ୍ରିୟାର ଉଲ୍ଲଙ୍ଘନ ବୋଲି ହାଇକୋର୍ଟ ଗ୍ରହଣ କରିଛନ୍ତି।

ପ୍ରକାଶଥାଉକି ଗତ ୨୦୨୩ ମସିହା ମେ’ ୨୯ ସକାଳେ ରାୟଗଡ଼ା ରେଲଷ୍ଟେସନ୍ ନିକଟରେ ଅବକାରୀ ବିଭାଗ ପାଟ୍ରୋଲିଂ କରୁଥିବା ସମୟରେ ଅଭିଯୁକ୍ତ ଦଲସେର ସିଂହଙ୍କୁ ଏକ ଜରି ବସ୍ତା ସହ ସନ୍ଦେହଜନକ ଅବସ୍ଥାରେ ଅଟକ ରଖିଥିଲା। ବସ୍ତା ଯାଞ୍ଚ କରିବା ପରେ ସେଥିରୁ ପ୍ରାୟ ୩୦କେଜି ୩୦୦ ଗ୍ରାମ୍ ଗଞ୍ଜେଇ ଜବତ ହୋଇଥିବା ଦର୍ଶାଯାଇ ତାଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାର ବିଚାର କରି ୨୦୨୪ ମାର୍ଚ୍ଚ ୧୮ରେ ରାୟଗଡ଼ା ସ୍ପେଶାଲ ଜଜ୍ ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନା ଶୁଣାଇଥିଲେ। ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ନିମ୍ନ ଅଦାଲତ ସାକ୍ଷ୍ୟ ପ୍ରମାଣଗୁଡ଼ିକର ସଠିକ୍ ମୂଲ୍ୟାଙ୍କନ ନ କରି ଦଣ୍ଡାଦେଶ ଦେଇଥିବାରୁ ହାଇକୋର୍ଟ ରାୟଗଡ଼ା ସ୍ପେଶାଲ କୋର୍ଟଙ୍କ ୨୦୨୪ ମାର୍ଚ୍ଚ ୧୮ ର ନିଷ୍ପତ୍ତିକୁ ରଦ୍ଦ କରି ଦଲସେର୍ ସିଂହଙ୍କୁ ତୁରନ୍ତ ଜେଲ୍‌ରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଆସନ୍ତା ୧ରୁ +୨ ରିଚେକିଂ ପାଇଁ ଆବେଦନ

ଭୁବନେଶ୍ୱର, ୨୬।୫(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ପ୍ରକାଶିତ +୨ ପରୀକ୍ଷା ଫଳରେ ଅସନ୍ତୁଷ୍ଟ ଛାତ୍ରଛାତ୍ରୀମାନେ ନିଜ ମାର୍କର ପୁନଃଯାଞ୍ଚ ବା ରିଚେକିଂ ପାଇଁ ଜୁନ୍ ୧ରୁ ଆବେଦନ କରିପାରିବେ। ଛାତ୍ରଛାତ୍ରୀମାନେ ଜୁନ୍ ୧୨ତାରିଖ ଯାଏଁ ଅନଲାଇନ୍‌ରେ ଆବେଦନ କରିପାରିବେ। ଜୁନ୍ ୧୯ ରୁ ୨୩ ତାରିଖ ମଧ୍ୟରେ ଅନଲାଇନ ମୂଲ୍ୟାଙ୍କନ ହୋଇଥିବା ଖାତା ଦେଖିବା ପାଇଁ ଲିଙ୍କ୍ ପ୍ରଦାନ କରାଯିବ।

ଗୋଟିଏ ବିଷୟର ମାର୍କ ପୁନଃଯାଞ୍ଚ କିମ୍ବା ପୁନଃ ସଂଯୋଗ ପାଇଁ ୨୦୦ ଟଙ୍କା ଦେବାକୁ ପଡ଼ିବ। କେବଳ ଉଦ୍ଭିଦ ବିଜ୍ଞାନ ଓ ଜୀବ ବିଜ୍ଞାନ ପାଇଁ ଗୋଟିଏ ପେପର୍ ହିସାବରେ ୨୦୦ ଟଙ୍କା ଦେବାକୁ ପଡ଼ିବ। ଉତ୍ତରଖାତାର କୌଣସି ଫଟୋ ବା ହାର୍ଡ-କପି ଦିଆଯିବ ନାହିଁ। ଯଦି କୌଣସି ଛାତ୍ରଛାତ୍ରୀଙ୍କ ପାଖରେ ଜୁନ୍ ୨୩ ତାରିଖ ସୁଦ୍ଧା ମୋବାଇଲ୍‌କୁ ମାର୍କ ସଂପର୍କିତ କୌଣସି ସୂଚନା ଏସ୍‌ଏମ୍‌ଏସ୍ ମାଧ୍ୟମରେ ନଯାଏ, ଜୁନ୍ ୨୮ ତାରିଖ ମଧ୍ୟରେ ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକଙ୍କ ନଜରକୁ ଆଣିବାକୁ କୁହାଯାଇଛି। ଏଥିପାଇଁ ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକଙ୍କ ଇମେଲ୍ ଆଇଡି coechseodisha@gmail.comରେ ଯୋଗାଯୋଗ କରିବାକୁ କୁହାଯାଇଛି। ଅଫଲାଇନ୍ ମୂଲ୍ୟାଙ୍କନ ହୋଇଥିବା ପରୀକ୍ଷାଖାତାର କୌଣସି ଲିଙ୍କ୍ ଯୋଗାଇ ଦିଆଯିବ ନାହିଁ। ପୁନଃ ଯାଞ୍ଚ ଓ ସଂଯୋଗର ଫଳ ପ୍ରକାଶ ପରେ ଯଦି କୌଣସି ଛାତ୍ରଛାତ୍ରୀ ଆନସର୍ ସ୍କ୍ରିପ୍ଟ ପାଇଁ ୧୫ଦିନ ମଧ୍ୟରେ ପରୀକ୍ଷା ନିୟନ୍ତ୍ରକଙ୍କ ପାଖେ ଆବେଦନ କରିପାରିବେ।

# ଆଜିଠୁ ସ୍ନାତକ ନାମଲେଖା ପାଇଁ ଆବେଦନ

ଭୁବନେଶ୍ୱର, ୨୬।୫ (ସମିସ): ଚଳିତବର୍ଷ ସ୍ନାତକ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତାକାଲି ଅର୍ଥାତ୍ ବୁଧବାରଠାରୁ ସାମସ୍ ପୋର୍ଟାଲ୍‌ରେ ଆବେଦନ ଆରମ୍ଭ ହେବ। ଆଶାୟୀ ଛାତ୍ରଛାତ୍ରୀମାନେ ଜୁନ୍ ୧୦ ପର୍ଯ୍ୟନ୍ତ ଆବେଦନ କରିପାରିବେ। ଆବେଦନ ସରିବାର ସପ୍ତାହେ ପରେ ଅର୍ଥାତ୍ ୧୭ରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ପ୍ରଥମ ରାଉଣ୍ଡ ନାମଲେଖା ପାଇଁ ଚୟନ ହୋଇଥିବା ପିଲାମାନେ ୨୦ତାରିଖ ମଧ୍ୟରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ପାରିବେ। ପରେ ୨୯ ତାରିଖରେ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବ। ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଜୁଲାଇ ୪ ମଧ୍ୟରେ ନାମ ଲେଖାଇ ପାରିବେ। ତୃତୀୟ ରାଉଣ୍ଡ ବା ୱେଟିଂ ରାଉଣ୍ଡ ପାଇଁ ଜୁଲାଇ ୮ରୁ ୧୦ ତାରିଖ ମଧ୍ୟରେ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ୧୪ ତାରିଖରେ ମେଧା ତାଲିକା ପ୍ରକାଶ ପାଇବାକୁ ଥିବାବେଳେ ୧୫ରେ ନାମଲେଖା ପାଇଁ ଚୟନ ହୋଇଥିବା ପିଲାଙ୍କ ତାଲିକା ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ପ୍ରକାଶ ପାଇବ। ପରେ ୧୭ ତାରିଖରେ ସେମାନଙ୍କ ନାମଲେଖା ହେବ। ପ୍ରଥମ ପର୍ଯ୍ୟାୟ ନାମଲେଖା ସରିବା ପୂର୍ବରୁ ଅର୍ଥାତ୍ ଜୁଲାଇ ୯ତାରିଖରୁ ସ୍ନାତକ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପରେ ଖାଲିଥିବା ସିଟ୍‌କୁ ଦୃଷ୍ଟିରେ ରଖି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ସମୟ ସୂଚୀ ପ୍ରକାଶ ପାଇବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**■ ମାମଲା ଆପୋସ ସମାଧାନ ପାଇଁ ଚାପ ସହ ଅଭିଯୋଗକାରୀଙ୍କୁ ଆକ୍ରମଣ ଘଟଣା**

# ଆଇନଜୀବୀଙ୍କୁ କାରଣ ଦର୍ଶାଅ ନୋଟିସ୍

କଟକ,୨୬।୫(ସମିସ): ଜଣେ ଅଭିଯୋଗକାରୀଙ୍କୁ ମାମଲାର ଆପୋଷ ସମାଧାନ ପାଇଁ ଚାପ ପ୍ରୟୋଗ ସହ ଅଦାଲତ ପରିସରରେ ଆକ୍ରମଣ କରିବା ଅଭିଯୋଗରେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ତରଫରୁ ଆଇନଜୀବୀ ନରୋତ୍ତମ ନାୟକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।

ସଦାନନ୍ଦ ରାଉତରାୟଙ୍କ ପକ୍ଷରୁ ରାଜ୍ୟ ଆଇନଜୀବୀ ପରିଷଦରେ ହୋଇଥିବା ଅଭିଯୋଗକ୍ରମେ ଏଭଳି ପଦକ୍ଷେପ ନିଆଯାଇଛି। ଏକ ସିଭିଲ ସୁଟ୍ ପ୍ରସଙ୍ଗରେ ମାହାଙ୍ଗାସ୍ଥିତ ସିଭିଲ ଜଜ୍ ଜୁନିୟର ଡିଭିଜନଙ୍କ ଅଦାଲତ ପରିସରରେ ପ୍ରତିପକ୍ଷର ଆଇନଜୀବୀ ନରୋତ୍ତମ ନାୟକ ଅଭିଯୋଗକାରୀ ସଦାନନ୍ଦଙ୍କୁ ଆପୋଷ ସମାଧାନ କରିବା ପାଇଁ ଚାପ ପ୍ରୟୋଗ କରିଥିଲେ। ଅଭିଯୋଗକାରୀ ଶ୍ରୀ ରାଉତରାୟ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରିଥିଲେ। ଏଥିରେ ପ୍ରତିପକ୍ଷ ଆଇନଜୀବୀ ଶ୍ରୀ ନାୟକ ଉତ୍‌କ୍ଷିପ୍ତ ହୋଇ ଅତ୍ୟନ୍ତ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଏବଂ ଅସମ୍ମାନଜନକ ଭାବେ ଅଭିଯୋଗକାରୀ ଓ ତାଙ୍କ ୮୫ବର୍ଷ ବୟସର ପିତା ଦୁଃଶାସନ ରାଉତରାୟଙ୍କୁ କୋର୍ଟ ପରିସର ଆକ୍ରମଣ କରିଥିଲେ। ଆଇନଜୀବୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଆଚାର ସଂହିତାର ସ୍ପଷ୍ଟ ଉଲ୍ଲଂଘନକୁ ବିଚାର କରି ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ନିର୍ଦ୍ଦେଶକ୍ରମେ ସଂପୃକ୍ତ ଆଇନଜୀବୀ ଶ୍ରୀ ନାୟକଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ, ସେଥିପାଇଁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

# ଆକାଶବାଣୀର ୯୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପଦଯାତ୍ରା

କଟକ, ୨୬।୫ (ସମିସ): ଶାରୀରିକ ସୁସ୍ଥତା ବର୍ତ୍ତମାନ ସମୟର ଏକ ବଡ଼ ଆହ୍ୱାନ ବୋଲି ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ଜଷ୍ଟିସ ସାବିତ୍ରୀ ରଥୋ କହିଛନ୍ତି। ଆକାଶବାଣୀର ୯୦ବର୍ଷ ପୂର୍ତ୍ତି ଅବସରରେ କଟକ ଆକାଶବାଣୀ କେନ୍ଦ୍ର ପକ୍ଷରୁ ଆୟୋଜିତ ପଦଯାତ୍ରାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଷ୍ଟିସ ରଥ କହିଛନ୍ତି, ଆକାଶବାଣୀର କାର୍ଯ୍ୟକ୍ରମ ବାଲ୍ୟକାଳରୁ ତାଙ୍କ ଜୀବନରେ ପ୍ରଭାବ ପକାଇଛି। କଟକ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମଠାରୁ ଆରମ୍ଭ ହୋଇଥିବା ପଦଯାତ୍ରାରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅନ୍ୟତମ ବିଚାରପତି ଜଷ୍ଟିସ୍ ଶିବଶଙ୍କର ମିଶ୍ର ଯୋଗଦେଇ କହିଛନ୍ତି, ବିଗତ ୪୦ ବର୍ଷ ଧରି ଆକାଶବାଣୀର ଶ୍ରୋତା ଭାବେ ଜଡ଼ିତ ହୋଇ ରହିଛନ୍ତି। ଏହି ଅବସରରେ ଆକାଶବାଣୀ ପକ୍ଷରୁ ଆୟୋଜିତ ପଦଯାତ୍ରାରେ ଯୋଗଦେଇଥିବା ସମସ୍ତଙ୍କୁ ଜଷ୍ଟିସ ମିଶ୍ର ଶୁଭେଚ୍ଛା ଜଣାଇଥିଲେ।



କଟକ ମହାନଗର ନିଗମର କମିଶନର କିରନଦୀପ କୌର ସହୋଟା ଅନ୍ୟତମ ସମ୍ମାନିତ ଅତିଥି ଭାବେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଆକାଶବାଣୀ ୯୦ ବର୍ଷ ପୂରଣ କରିଛି ଏବଂ ଆଗାମୀ ଦିନରେ ଏହା ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ପୂର୍ଣ୍ଣ କରିବାରେ ସହାୟକ ହେବ। କାର୍ଯ୍ୟକ୍ରମକୁ ଦୁଇ ବିଚାରପତି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରାରେ ପ୍ରାୟ ୪୦୦ଜଣ ଭାଗ ନେଇଥିଲେ। ଜବାହରଲାଲ ନେହରୁ ଇନ୍‌ଡୋର୍ ଷ୍ଟାଡିୟମ୍‌ରୁ ପଦଯାତ୍ରା ଆରମ୍ଭ ହୋଇ ସହରର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା। ଆକାଶବାଣୀ କଟକ କେନ୍ଦ୍ରର ମୁଖ୍ୟ ଭି.ରତ୍ନ ପ୍ରସାଦ ତାଙ୍କର ସ୍ୱାଗତ ଭାଷଣରେ ଆକାଶବାଣୀର ସ୍ୱତନ୍ତ୍ରତା ଏବଂ ବିଶ୍ୱସନୀୟତା ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ସମ୍ବାଦ ବିଭାଗର ସମ୍ପାଦକ ଇତିଶ୍ରୀ ସିଂ ରାଠୋର ପରିଚାଳନା କରିଥିଲେ। ଯାନ୍ତ୍ରିକ ବିଭାଗର ସଞ୍ଜୁଲତା ନାୟକ କାର୍ଯ୍ୟକ୍ରମର ସଂଯୋଜକ ଥିବା ବେଳେ ଆକାଶବାଣୀ କଟକ କେନ୍ଦ୍ରର ବିଭିନ୍ନ ବିଭାଗଗୁଡ଼ିକର ସହଯୋଗରେ ପଦଯାତ୍ରାର ଆୟୋଜନ କରାଯାଇଥିଲା। ପଦଯାତ୍ରାରେ ଆକାଶବାଣୀର କର୍ମଚାରୀମାନଙ୍କ ସମେତ ସେବାନିବୃତ୍ତ ଏବଂ ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରୋତାମାନେ ଭାଗ ନେଇଥିଲେ।

**କଲେଜ ଅଧ୍ୟକ୍ଷ ନିଯୁକ୍ତି କରିବାରେ ସରକାର ବିଫଳ**

# ଏସ୍‌ଏସ୍‌ବି ଓ ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପକଙ୍କ ଛକାପଞ୍ଝା

ଭୁବନେଶ୍ୱର, ୨୬।୫ (ସମିସ): ରାଜ୍ୟର ବହୁ ମହାବିଦ୍ୟାଳୟରେ ସ୍ଥାୟୀ ବା ଭାରପ୍ରାପ୍ତ ଅଧ୍ୟକ୍ଷ ପଦ ଫାଙ୍କା ପଡ଼ିଛି। ବହୁ ଯୋଗ୍ୟ ଅଧ୍ୟାପକ ଥିଲେ ମଧ୍ୟ ସରକାର କାହାକୁ ନିଯୁକ୍ତି ଦେଇପାରୁନାହାନ୍ତି। ରାଜ୍ୟ ପ୍ରବରଣମଣ୍ଡଳୀ (ଏସ୍‌ଏସ୍‌ବି) ଦ୍ୱାରା ନିଯୁକ୍ତ ଅଧ୍ୟାପକ ଏବଂ ୨୦୦୯ ରେ ଗ୍ରାଣ୍ଟ-ଇନ୍-ଏଡ୍ (ଜିଆଇଏ) ପାଇଥିବା ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପକଙ୍କ ମଧ୍ୟରେ ବରିଷ୍ଠତାକୁ ନେଇ ଛକାପଞ୍ଝା ଲାଗି ରହିଥିବାରୁ ସରକାର ଅଠାକାଠିରେ ପଡ଼ିଛନ୍ତି। ଉଚ୍ଚଶିକ୍ଷା ବିଭାଗ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏକାଧିକ ସ୍ପଷ୍ଟୀକରଣ ଦିଆଯାଉଥିଲେ ମଧ୍ୟ ତାହା ଅଧ୍ୟକ୍ଷ ନିଯୁକ୍ତିକୁ ସ୍ପଷ୍ଟ କରିବା ପରିବର୍ତ୍ତେ ଅଧିକ ଗୋଳିଆ କରୁଛି। ଫଳରେ ଦିନକୁ ଦିନ ୪୮୮ବର୍ଗ ଅନୁଦାନପ୍ରାପ୍ତ କଲେଜ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ବିଗୁଡୁଛି।

ଗତ ୧୯ ତାରିଖରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବରିଷ୍ଠତା ଓ ଅଧ୍ୟକ୍ଷ ନିଯୁକ୍ତି ସମ୍ପର୍କରେ ଏକ ସ୍ପଷ୍ଟୀକରଣ ଜାରି କରାଯାଇଥିଲା। ଯେଉଁମାନେ ସରକାରଙ୍କଠାରୁ ସିଧାସଳଖ ପାରିଶ୍ରମିକ ପାଉଛନ୍ତି, ସେମାନେ ଅଧ୍ୟକ୍ଷ ହୋଇପାରିବେ। ସେହିପରି ୨୦୦୪ ପରେ ଜିଆଇଏ ପାଇଥିବା ବା ସିଧାସଳଖ ଅନୁଦାନ ପଦରେ ନିଯୁକ୍ତି ପାଇ ନଥିବା ଏବଂ ସେବା ସର୍ତ୍ତାବଳୀ ନ ଥିବା ଅଧ୍ୟାପକମାନେ ଅଧ୍ୟକ୍ଷ ହୋଇପାରିବେ ନାହିଁ ବୋଲି ସ୍ପଷ୍ଟ ଭାବେ କୁହାଯାଇଥିଲା। ଏପରିକି, ଏସ୍‌ଏସ୍‌ବି ଅଧ୍ୟାପକମାନେ ସମସ୍ତ ମାନଦଣ୍ଡ ପୂରଣ କରୁଥିବାରୁ ସେମାନେ ବରିଷ୍ଠ ବୋଲି କୁହାଯାଇଥିଲା। ମାତ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ନିଖିଳ ଓଡ଼ିଶା ଅନୁଦାନପ୍ରାପ୍ତ ୪୮୮ବର୍ଗ କଲେଜ ଶିକ୍ଷକ ଏବଂ କର୍ମଚାରୀ ସଂଘ (ଏଓଏସିଟିଇଏ) ବିରୋଧ କରିବା ସହ ୨୦୦୯ ଜିଆଇଏ ଅଧୀନ ଅଧ୍ୟାପକମାନଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେବାକୁ ଦାବି କରିଥିଲା। ଫଳରେ ସରକାର ନିଜର ପୂର୍ବ ନିଷ୍ପତ୍ତିକୁ ପ୍ରତ୍ୟାହାର କରିନେଇଥିଲେ।

ଅପରପକ୍ଷେ, ଆଜି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୪୮୮ବର୍ଗ ମହାବିଦ୍ୟାଳୟରେ ଅଧ୍ୟକ୍ଷ ନିଯୁକ୍ତି ସଂକ୍ରାନ୍ତରେ ଆଉ ଏକ ସ୍ପଷ୍ଟୀକରଣ ଦିଆଯାଇଛି। କେବଳ ରିଡର୍ ଗ୍ରେଡ୍‌ର ପ୍ରାଧ୍ୟାପକମାନେ ଏହି ବର୍ଗର କଲେଜରେ ଅଧ୍ୟକ୍ଷ ହୋଇପାରିବେ ବୋଲି କୁହାଯାଇଛି। ରିଡର୍ ଉପଲବ୍ଧ ନ ଥିଲେ ସବୁଠାରୁ ବରିଷ୍ଠ ଅଧ୍ୟାପକଙ୍କୁ ଅଧ୍ୟକ୍ଷ ନିଯୁକ୍ତି କରାଯାଇପାରିବ। ମାତ୍ର କୌଣସି ଅଧ୍ୟାପକ ସମ୍ପୃକ୍ତ କଲେଜରେ ଲଗାତାର ୫ ବର୍ଷ କାର୍ଯ୍ୟରତ ଥିଲେ, ସେ ଅଧ୍ୟକ୍ଷ ହୋଇପାରିବେ ନାହିଁ। ବ୍ଲକ୍‌ଗ୍ରାଣ୍ଟ ଅଧ୍ୟାପକଙ୍କ ବଦଳି ହେଉ ନଥିବାରୁ ସେମାନେ ଦୀର୍ଘ ବର୍ଷ ଧରି ଗୋଟିଏ ଶିକ୍ଷାନୁଷ୍ଠାନରେ ପାଠ ପଢ଼ାଉଛନ୍ତି। ଅର୍ଥାତ୍ ବ୍ଲକ୍‌ଗ୍ରାଣ୍ଟ ଅଧ୍ୟାପକମାନେ ଅଧ୍ୟକ୍ଷ ହୋଇପାରିବେ ନାହିଁ। ଏହି କ୍ଷେତ୍ରରେ ଏସ୍‌ଏସ୍‌ବି ଅଧ୍ୟାପକମାନେ ଅଧ୍ୟକ୍ଷ ହେବାକୁ ଦାବିଦାର ହେଉଥିଲେ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିରବତା ଅବଲମ୍ବନ କରାଯାଇଛି। ଅର୍ଥାତ୍ ସରକାରୀ ସ୍ପଷ୍ଟିକରଣ ଅଧ୍ୟକ୍ଷ ନିଯୁକ୍ତି ନେଇ କୌଣସି ସ୍ପଷ୍ଟ କରିପାରିନଥିବା ବେଳେ ଅଧିକ ଗୋଳିଆ ହୋଇଛି। ନିଷ୍ପତ୍ତି ନେବାରେ ସରକାର ବିଫଳ ହେଉଥିବାରୁ ଉଭୟ ଏସ୍‌ଏସ୍‌ବି ଓ ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପକମାନେ ପରସ୍ପର ବିରୋଧରେ ଆଜି ସାମ୍ବାଦିକ ସମ୍ମିଳନୀ କରି ଦୋଷ ଲଦାଲଦି ହୋଇଛନ୍ତି। ଉଭୟ ନିଜର ପକ୍ଷ ରଖିବା ସହ ଅଧ୍ୟକ୍ଷ ହେବାକୁ ସେମାନେ ଦାବିଦାର ବୋଲି ଯୁକ୍ତି ବାଢ଼ିଛନ୍ତି। ଦୀର୍ଘ ଦିନରୁ ସଚିବାଳୟରେ ଅଧ୍ୟକ୍ଷ ନିଯୁକ୍ତି ପାଇଁ ଚାଲୁଥିବା କସରତ ବିଫଳ ହେବା ପରେ ଆଭ୍ୟନ୍ତରୀଣ କନ୍ଦଳ ଏବେ ଗଣମାଧ୍ୟମ ସାମ୍ନାକୁ ଆସିଛି।

## ବିଧାୟକ ଅନୁଦାନ ପାଣ୍ଠି ହରିଲୁଟ୍ ଅଭିଯୋଗ

# ରାସ୍ତା କାମ ନ କରି ଉଠାଇନେଲେ ୨.୫ ଲକ୍ଷ

ନିଶ୍ଚିନ୍ତକୋଇଲି,୨୬।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର କେତେକ ଅଧିକାରୀ ଓ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ କଟକ ସଦର ବିଧାୟକଙ୍କ ଅନୁଦାନ ପାଣ୍ଠିରୁ ଲକ୍ଷ ଲକ୍ଷ ଟଙ୍କା ବାଟମାରଣା ହୋଇଥିବା ନେଇ ଏକ ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି। ଜନସାଧାରଣଙ୍କ ସୁବିଧା ପାଇଁ ଆସିଥିବା ଅର୍ଥରେ କୌଣସି କାର୍ଯ୍ୟ କରା ନ ଯାଇ ସମ୍ପୂର୍ଣ୍ଣ ଜାଲ୍ ଓ ମିଥ୍ୟା ବିଲ୍ ମାଧ୍ୟମରେ ୨ ଲକ୍ଷ ୫୦ ହଜାର ଟଙ୍କା ହଡ଼ପ କରାଯାଇଥିବା ନେଇ ସ୍ଥାନୀୟ ବନ୍ଧୁପୁର ପଞ୍ଚାୟତବାସୀ ପ୍ରତିବାଦ କରିଛନ୍ତି। ବ୍ଲକ ପ୍ରଶାସନର ଏହି ଦୁର୍ନୀତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ କଟକ ଜିଲ୍ଲାପାଳ ଓ ଗ୍ରାମ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଲିଖିତ ଦାବି କରିଛନ୍ତି।

ସୂଚନା ମୁତାବକ, ବନ୍ଧୁପୁର ପଞ୍ଚାୟତ ଅନ୍ତର୍ଗତ ସାହାଳପୁର ଗ୍ରାମ ଉନ୍ନୟନ



ରାସ୍ତାଠାରୁ ଆରମ୍ଭ କରି ନାରାୟଣ ଓଝାଙ୍କ ଘର ପାଖ ପର୍ଯ୍ୟନ୍ତ ଥିବା ଏକ କଂକ୍ରିଟ୍ ଢଳେଇ ରାସ୍ତାର ମରାମତି ଓ ଉନ୍ନତିକରଣ କାର୍ଯ୍ୟ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ କଟକ ସଦର ବିଧାୟକଙ୍କ ଅନୁଦାନ ପାଣ୍ଠିରୁ ୨ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଏହିକ୍ରମରେ ବ୍ଲକ ପ୍ରଶାସନ ପକ୍ଷରୁ ଗତ ୨୯-୦୭-୨୫ରେ ସମ୍ପୃକ୍ତ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଏକ ସରକାରୀ କାର୍ଯ୍ୟାଦେଶ ମଧ୍ୟ ଜାରି କରାଯାଇଥିଲା। ମାତ୍ର କାର୍ଯ୍ୟାଦେଶ ମିଳିବାର ଦୀର୍ଘ ୧୦ ମାସ ବିତିଯାଇଥିଲେ ହେଁ ତୃଣମୂଳସ୍ତରରେ ରାସ୍ତାର କୌଣସି

### ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ମରାମତି କାର୍ଯ୍ୟ ଆରମ୍ଭ ହୋଇ ନ ଥିଲା। ଏହାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମନରେ ସନ୍ଦେହ ପ୍ରକାଶ ପାଇବାରୁ ସେମାନେ ବ୍ଲକ କାର୍ଯ୍ୟାଳୟରେ ଖୋଳତାଡ଼ କରିଥିଲେ। ସେଠାରୁ ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ପ୍ରକଳ୍ପର କାର୍ଯ୍ୟ ଶେଷ ଦର୍ଶାଇ ସମସ୍ତ ଅର୍ଥର ବିଲ୍ ପାସ୍ କରାଯାଇ ସରିଛି। ରାସ୍ତା ନିର୍ମାଣ ନ କରି କେବଳ କାଗଜପତ୍ରରେ ସରକାରୀ ପାଣ୍ଠି ହରିଲୁଟ୍ ହୋଇଥିବା ଜାଣିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ, ଏହି ସାଙ୍ଘାତିକ ଦୁର୍ନୀତି ସମ୍ପର୍କରେ ଦାୟିତ୍ୱରେ ଥିବା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ କୁମାର କରଙ୍କୁ ପଚାରିବାରୁ ସେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ବିଧାୟକଙ୍କ ପାଣ୍ଠିରେ ଢଳେଇ ରାସ୍ତାର ମରାମତି କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି ଏବଂ କେବଳ ରାଜନୈତିକ ଆକ୍ରୋଶ ରଖି କେତେକ ନିର୍ଦ୍ଦିଷ୍ଟ ଲୋକ ଏଭଳି ମିଥ୍ୟା ଆରୋପ କରୁଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ମାତ୍ର ପ୍ରଶାସନର ଏହି ସଫେଇକୁ ଗ୍ରାମବାସୀ ଗ୍ରହଣ କରି ନ ଥିବା ବେଳେ, ସ୍ଥଳ ପରିଦର୍ଶନ କରି ଉକ୍ତ ରାସ୍ତାର ସତ୍ୟାସତ୍ୟ ଯାଞ୍ଚ କରିବା ସହ ଦୋଷୀ ସରକାରୀ ଅଧିକାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି।

## ନୂତନ ଟ୍ରାନ୍ସଫର୍ମର ଦାବିରେ ଗ୍ରାମବାସୀଙ୍କ ଧାରଣା

ଫୁଲନଖରା,୨୬।୫(ସମିସ): କଟକ ମହାନଗର ନିଗମ ୫୯ ନମ୍ବର ୱାର୍ଡ ଅନ୍ତର୍ଗତ ରାମନଗର ଗ୍ରାମରେ ନୂତନ ଟ୍ରାନ୍ସଫରମର ସ୍ଥାପନ ଦାବିରେ ଗ୍ରାମବାସୀ ଗୋପାଳପୁର ବିଦ୍ୟୁତ୍ ଉପଖଣ୍ଡ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଗ୍ରାମରେ ଗ୍ରାହକ ସଂଖ୍ୟା ବୃଦ୍ଧି ଯୋଗୁଁ ଲୋ-ଭୋଲଟେଜ୍ ସମସ୍ୟା ଦେଖାଦେଇଛି। ବିଭାଗୀୟ ଅବହେଳା ଯୋଗୁଁ ନୂତନ ଟ୍ରାନସଫର୍ମର ଦିଆଯାଇ ନ ଥିବାରୁ ଗ୍ରାମବାସୀ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏହାସହ ଜନସାଧାରଣଙ୍କ ସମସ୍ୟା ବେଳେ ଫୋନ୍ ଉଠାଉ ନ ଥିବା କନିଷ୍ଠ ଯନ୍ତ୍ରୀ ଅନିଲ୍ ରାଜଙ୍କ ବଦଳି ପାଇଁ ମଧ୍ୟ ଆନ୍ଦୋଳନକାରୀମାନେ ନାରାବାଜି କରିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଏସ୍.ଡି.ଓ. ଟେଲିଫୋନ୍ ମାଧ୍ୟମରେ ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ଟ୍ରାନ୍ସଫରମର ବସାଯିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କ ତରଫରୁ କାର୍ଯ୍ୟାଳୟ ସହାୟକ ହିମାଂଶୁ ବେଉରା ଗ୍ରାମବାସୀଙ୍କ ଦାବିପତ୍ର ଗ୍ରହଣ କରିଛନ୍ତି। ଆଗାମୀ ୭ ଦିନ ଭିତରେ ଯଦି କାର୍ଯ୍ୟାନୁଷ୍ଠାନ ନ ନିଆଯାଏ, ତେବେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଗ୍ରାମ ସଭାପତି ପ୍ରକାଶଚନ୍ଦ୍ର ନାୟକଙ୍କ ସମେତ ଧରଣୀଧର ବେହେରା, ଲକ୍ଷ୍ମଣ ବେହେରା ଓ ସୁକାନ୍ତ ବେହେରା ଚେତାବନୀ ଦେଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ଧାରଣା ସ୍ଥଳରେ ସଦର ଥାନା ପକ୍ଷରୁ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।




## ପ୍ରେମ ବିବାହର ୫ ବର୍ଷ ପରେ ସ୍ୱାମୀଙ୍କ ନାମରେ ଦୁଷ୍କର୍ମ ଅଭିଯୋଗ

ଭଦ୍ରେଶ୍ୱର,୨୬।୫(ସମିସ): ଭଦ୍ରେଶ୍ୱର ଥାନା ଗୋପାଳପୁର ଗ୍ରାମରେ ବିଚିତ୍ର ଘଟଣା ସାମ୍ନାକୁ ଆସିଛି। ପ୍ରେମ ବିବାହର ୫ ବର୍ଷ ପରେ ଜଣେ ପତ୍ନୀ ନିଜ ସ୍ୱାମୀଙ୍କ ବିରୋଧରେ ଦୁଷ୍କର୍ମ ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ପତ୍ନୀଙ୍କ ଏହି ଅଭିଯୋଗକୁ ଭିତ୍ତିକରି ଭଦ୍ରେଶ୍ୱର ଥାନା ପୁଲିସ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ, ଗୋପାଳପୁର ଗ୍ରାମର ଶ୍ରୀଧର ନାଥଙ୍କ କନ୍ୟା ରାଜଶ୍ରୀ ନାଥ ପ୍ରାୟ ୫ ବର୍ଷ ତଳେ ସେହି ଗ୍ରାମର ନାରାୟଣ ଜେନାଙ୍କ ପୁତ୍ର ପ୍ରଶାନ୍ତ ଜେନାଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରେ ରାଜଶ୍ରୀ ନିଜ ଶାଶୂଘରେ ସ୍ୱାମୀଙ୍କ ସହ ବେଶ୍ ହସଖୁସିରେ ରହି ଆସୁଥିଲେ। ମାତ୍ର ନିକଟରେ କୌଣସି ପାରିବାରିକ କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଅଶାନ୍ତିର ଝଡ଼ ସୃଷ୍ଟି ହୋଇଥିଲା। ଶାଶୂଘର ଲୋକଙ୍କ ସହ ନ ରହି ଅନ୍ୟତ୍ର ଏକ ଭଡ଼ା ଘର ନେଇ ରହିବାକୁ ରାଜଶ୍ରୀ ନିଜ ସ୍ୱାମୀଙ୍କୁ ପ୍ରସ୍ତାବ ଦେଇଥିଲେ। ମାତ୍ର ପ୍ରଶାନ୍ତ ଏହି ପ୍ରସ୍ତାବରେ ରାଜି ନ ହେବାରୁ ରାଜଶ୍ରୀ ହଠାତ୍ ରହସ୍ୟଜନକ ଭାବେ ଶାଶୂଘରୁ ନିଖୋଜ ହୋଇଯାଇଥିଲେ। ପତ୍ନୀଙ୍କ କୌଣସି ସନ୍ଧାନ ନ ପାଇ ସ୍ୱାମୀ ପ୍ରଶାନ୍ତ ଗତ ମେ ୫ ତାରିଖ ଭଦ୍ରେଶ୍ୱର ଥାନାରେ ଏକ ନିଖୋଜ ଡାଏରୀ କରିଥିଲେ। ତେବେ ଘଟଣାରେ ଏକ ନୂଆ ମୋଡ଼ ଆସିଥିଲା, ଯେତେବେଳେ ନିଖୋଜ ପତ୍ନୀ ରାଜଶ୍ରୀ ହଠାତ୍ ସ୍ୱାମୀ ପ୍ରଶାନ୍ତଙ୍କ ନାମରେ ଏକ ଦୁଷ୍କର୍ମ ଅଭିଯୋଗ ଆଣିଥିଲେ। ପ୍ରେମ ବିବାହ କରି ଦୀର୍ଘ ୫ ବର୍ଷ ଏକାଠି ରହିବା ପରେ ପତ୍ନୀ ସ୍ୱାମୀଙ୍କ ନାମରେ ଦୁଷ୍କର୍ମ ଅଭିଯୋଗ ଆଣିବା କେତେଦୂର ଯୁକ୍ତିଯୁକ୍ତ, ତାହାକୁ ନେଇ ଚର୍ଚ୍ଚା ହୋଇଛି। ଘଟଣାର ନିରପେକ୍ଷ ତଦନ୍ତ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

**ଜେଲ୍ ଗଲେ ସ୍ୱାମୀ, ଗୋପାଳପୁର ଗ୍ରାମରେ ଚର୍ଚ୍ଚା**

## ମା' ନାରାୟଣୀ ମନ୍ଦିରରୁ ଚୋରି

**● ସାମଗ୍ରୀ ସହ ୪ ଅଭିଯୁକ୍ତଙ୍କୁ ଅଟକ ରଖିଲା ପୁଲିସ**

ନିଶ୍ଚିନ୍ତକୋଇଲି,୨୬।୫(ସମିସ): ନିଶ୍ଚିନ୍ତକୋଇଲି ଥାନା କେଣ୍ଟାଳ ପଞ୍ଚାୟତ ମଲ୍ଲୀପୁର ଗ୍ରାମର ମା' ନାରାୟଣୀ ମନ୍ଦିରରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରରୁ ପ୍ରାୟ ୨୦ କିଲୋରୁ ଅଧିକ ଓଜନର ପିତ୍ତଳ ମୂର୍ତ୍ତି, ପୂଜା ସାମଗ୍ରୀ, ବାସନକୁସନ ଏବଂ ପାଣି ମଟର ଚୋରି କରି ନେଇଥିଲେ। ଚୋରି ଜିନିଷଗୁଡ଼ିକୁ ଏକ ଟ୍ରକ୍ ଭିତରେ ଲୁଚାଇ ରଖାଯାଇଥିବା ବେଳେ ପୁଲିସ ପରବର୍ତ୍ତୀ ସମୟରେ ମୂର୍ତ୍ତିକୁ ଉଦ୍ଧାର କରି ଗ୍ରାମବାସୀଙ୍କୁ ହସ୍ତାନ୍ତର କରିଛି। ମନ୍ଦିର କମିଟି ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ପରେ ମଧ୍ୟ ପୁଲିସ କୌଣସି ତୁରନ୍ତ ପଦକ୍ଷେପ ନ ନେବାରୁ ଗ୍ରାମବାସୀ ସନ୍ଦେହରେ ସ୍ଥାନୀୟ ଜଣେ ଯୁବକଙ୍କୁ ପଚରାଉଚରା କରିଥିଲେ। ସେ ନିଜର ଅପରାଧ ସ୍ୱୀକାର କରିବା ପରେ ଲୋକେ ତାଙ୍କୁ ପୁଲିସ ଜିମା ଦେଇଥିଲେ। ଯୁବକଙ୍କଠାରୁ ମିଳିଥିବା ସୂଚନା ଆଧାରରେ ଏହି ଚୋରି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୩ ଜଣଙ୍କୁ ମିଶାଇ ମୋଟ ୪ ଜଣଙ୍କୁ ପୁଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅଟକ ଯୁବକମାନେ ବିଭିନ୍ନ ପ୍ରକାର ଉତ୍କଟ ନିଶା କାରବାରରେ ଜଡ଼ିତ ଥିବା ଜଣାପଡ଼ିଛି।



## ୨ ମାସ ଧରି ମିଳୁନି ସାମାଜିକ ଭତ୍ତା

ତିଗିରିଆ,୨୬।୫(ସମିସ): ତିଗିରିଆ ବ୍ଲକରେ ବ୍ୟାଙ୍କ ମାଧ୍ୟମରେ ସାମାଜିକ ସୁରକ୍ଷା ଭତ୍ତା ପାଉଥିବା ପ୍ରାୟ ୪ ହଜାର ହିତାଧିକାରୀ ଗତ ୨ ମାସ ହେବ ଭତ୍ତା ଟଙ୍କା ନ ପାଇ ଚିନ୍ତାରେ ପଡ଼ିଛନ୍ତି। ବର୍ତ୍ତମାନ ସୁଦ୍ଧା ସେମାନଙ୍କ ଆକାଉଣ୍ଟକୁ ଅପ୍ରେଲ ଓ ମେ ମାସର ଭତ୍ତା ଆସି ନ ଥିବାରୁ ବୃଦ୍ଧବୃଦ୍ଧା, ଅସହାୟ ଓ ନିରାଶ୍ରୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଭତ୍ତା ଟଙ୍କା ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ଗରିବ ଲୋକମାନେ ନିଜର ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ସହ ଜୀବନରକ୍ଷକ ଔଷଧ କିଣିଥାନ୍ତି। ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାଙ୍କ ଖାତାଧାରୀଙ୍କ ପାଇଁ ଏ ପର୍ଯ୍ୟନ୍ତ ଏହି ଅର୍ଥ ମଞ୍ଜୁର ହୋଇ ନ ଥିବାରୁ ଅଞ୍ଚଳରେ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବ୍ୟାଙ୍କ ଆକାଉଣ୍ଟଧାରୀ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିବାକୁ ଜନସାଧାରଣ ଦାବି କରିଛନ୍ତି।

## ଗୋକର୍ଣ୍ଣଖାଲକୁ ସ୍ୱାଭାବିକ ହେବ ଜଳଯୋଗାଣ



ତିଗିରିଆ,୨୬।୫(ସମିସ): ତିଗିରିଆ ବ୍ଲକ ଭୋଗଡ଼ା ପଞ୍ଚାୟତ ଅଧୀନ ଗୋକର୍ଣ୍ଣଖାଲ ଗ୍ରାମକୁ ବୁଧବାରଠାରୁ ପୂର୍ବପରି ସ୍ୱାଭାବିକ ଭାବେ ପାନୀୟଜଳ ଯୋଗାଇ ଦିଆଯିବ। ଏନେଇ ବ୍ଲକ ପାନୀୟଜଳ ଯୋଗାଣ ଯନ୍ତ୍ରୀ ନଗେଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗ୍ରାମରେ ବସୁଧା ଯୋଜନାରେ ନିର୍ମିତ ପ୍ରକଳ୍ପର ପାଣି ପମ୍ପଟି ଗତ ୫ ଦିନ ହେବ ପୋଡ଼ିଯାଇଥିବାରୁ ୩ଟି ୱାର୍ଡର ଶତାଧିକ ପରିବାର ଜଳକଷ୍ଟ ଭୋଗୁଥିଲେ। ଜନସାଧାରଣଙ୍କ ଅଭିଯୋଗ ପରେ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ମଙ୍ଗଳବାର ସନ୍ଧ୍ୟାରେ ଏକ ନୂତନ ପମ୍ପ ପ୍ରକଳ୍ପରେ ସଂଯୋଗ କରାଯାଇଛି। ଏହାଦ୍ୱାରା ବୁଧବାର ସକାଳୁ ଗ୍ରାମବାସୀଙ୍କୁ ନିୟମିତ ପାଣି ମିଳିବ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି। ଏହାସହିତ ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଖୁବ୍‌ଶୀଘ୍ର ଏହି ପ୍ରକଳ୍ପ ପରିସରରେ ଆଉ ଏକ ନୂତନ ବୋରୱେଲ୍ ଖୋଳାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ମୁଣ୍ଡଳି ବ୍ୟାରେଜ ତଳେ ଥଣ୍ଟିଆ କୁମ୍ଭୀର

**● ଦେଖିବାକୁ ଲୋକଙ୍କ ଭିଡ଼, ଯାତାୟାତ ବ୍ୟାହତ**

ତ୍ରିଶୂଳିଆ,୨୬।୫(ସମିସ): ମହାନଦୀର ମୁଣ୍ଡଳି ବ୍ୟାରେଜ ତଳେ ମଙ୍ଗଳବାର ସନ୍ଧ୍ୟାରେ ଏକ ବଡ଼ ଥଣ୍ଟିଆ କୁମ୍ଭୀର ଦେଖାଯିବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ପ୍ରାୟ ୬ରୁ ୭ ଫୁଟ ଲମ୍ବର ଏହି କୁମ୍ଭୀରଟି ନଦୀ କୂଳ ନିକଟରେ ବୁଲୁଥିବା ଦେଖି ମାଛ ଧରୁଥିବା ମତ୍ସ୍ୟଜୀବୀମାନେ ଭୟଭୀତ ହୋଇ ତୁରନ୍ତ କୂଳକୁ ଫେରି ଆସିଥିଲେ। କୁମ୍ଭୀର ଆସିବା ଖବର ପ୍ରଚାରିତ ହେବା ପରେ, ତାକୁ ଦେଖିବା ପାଇଁ ମୁଣ୍ଡଳି ବ୍ୟାରେଜ ଉପରେ ଏବଂ ନଦୀ ପାଶ୍ୱର୍ରେ ଶତାଧିକ ଲୋକଙ୍କ ଭିଡ଼ ଜମିଥିଲା। ଉତ୍ସୁକ ଲୋକମାନେ ମୋବାଇଲ୍‌ରେ ଫଟୋ ଓ ଭିଡିଓ ଉତ୍ତୋଳନ କରିବା ଯୋଗୁଁ ବ୍ୟାରେଜ ଉପରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ସ୍ଥାନୀୟ ପୁଲିସ ଓ ବନ ବିଭାଗ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିବା ସହ ଲୋକଙ୍କୁ ସୁରକ୍ଷିତ ଦୂରତାରେ ରହିବାକୁ ସଚେତନ କରିଥିଲେ। ପରେ କୁମ୍ଭୀରଟି ପୁଣି ନଦୀର ଗଭୀର ଜଳକୁ ଚାଲିଯିବା ପରେ ଯାତାୟାତ ଓ ପରିସ୍ଥିତି ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।



## ବେଆଇନ ମାଙ୍କଡ଼ା ପଥର ଓ ବାଲି ଗାଡ଼ି ଜବତ

ଟାଙ୍ଗୀ,୨୬।୫(ସମିସ): ଟାଙ୍ଗୀ ଥାନା ଅଞ୍ଚଳରେ ଦିନକୁ ଦିନ ବେଆଇନ ବାଲି ଓ ମାଙ୍କଡ଼ା ପଥର କାରବାର ବୃଦ୍ଧି ପାଉଥିବା ବେଳେ ମଙ୍ଗଳବାର ଭୋରୁ ପୁଲିସ ପକ୍ଷରୁ ଏକ ବଡ଼ ଚଢ଼ଉ କରାଯାଇଛି। ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ପୁଲିସ ଏକ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ସମେତ ଦୁଇଟି ବାଲି ବୋଝେଇ ଟ୍ରକ୍ ଏବଂ ଗୋଟିଏ ଟ୍ରାକ୍ଟରକୁ ଜବତ କରିଛି। ବେଆଇନ ଭାବେ ଏହିସବୁ ସାମଗ୍ରୀ ପରିବହନ କରାଯାଉଥିବାରୁ ସମ୍ପୃକ୍ତ ଗାଡ଼ିଗୁଡ଼ିକ ବିରୋଧରେ ଥାନାରେ ମାମଲା ରୁଜୁ କରାଯାଇଛି। ଏହାସହିତ ଗାଡ଼ି ମାଲିକଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଥିବା ନେଇ ଟାଙ୍ଗୀ ଥାନା ଆଇଆଇସି ବିକାଶ ସେଠୀ ସୂଚନା ଦେଇଛନ୍ତି। ଅଞ୍ଚଳରେ ଏଭଳି ବେଆଇନ ମାଫିଆ ଗତିବିଧିକୁ ରୋକିବା ପାଇଁ ଆଗାମୀ ଦିନରେ ମଧ୍ୟ ଚଢ଼ଉ ଜାରି ରହିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।



## ମହାନଦୀରେ ଭାସିଗଲେ ବାଳକ

କନ୍ଦରପୁର,୨୬।୫(ସମିସ): କନ୍ଦରପୁର ଥାନା ଅନ୍ତର୍ଗତ ଆୟଉପୁର ନାଗେଶ୍ୱରନାଥ ମନ୍ଦିର ନିକଟ ମହାନଦୀରେ ଗାଧୋଇବା ବେଳେ ନଦୀ ସ୍ରୋତରେ ଜଣେ ବାଳକ ଭାସିଯାଇ ନିଖୋଜ ହୋଇଥିବା ଅଭାବନୀୟ ଘଟଣା ଘଟିଛି। ବାଳକ ଜଣକ ହେଲେ ଜଗତସିଂହପୁର ଜିଲ୍ଲା ବିରିଡି ଥାନା ଅନ୍ତର୍ଗତ ଗରାମ (ଦରଡ଼ାପାରି) ଗ୍ରାମର ସୋମନାଥ ସେଠୀ ଓରଫ ରାହୁଲ (୧୪)। ଆଜି ଅପରାହ୍ନରେ ଚାରି ଜଣ ସାଙ୍ଗଙ୍କ ସହ ମହାନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ହଠାତ୍ ସେ ନଦୀସ୍ରୋତରେ ପଡ଼ି ଗଭୀର ଗଣ୍ଡ ମଧ୍ୟକୁ ଭାସିଯାଇଥିଲେ। ସାଙ୍ଗମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହେବା ପରେ ସ୍ଥାନୀୟ ଗ୍ରାମବାସୀଙ୍କୁ ଏ ବିଷୟରେ ଜଣାଇଥିଲେ। କନ୍ଦରପୁର ପୁଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀ ବହୁ ସମୟ ଖୋଜାଖୋଜି କରିବା ପରେ ମଧ୍ୟ ଶେଷ ସୂଚନା ମିଳିବା ସୁଦ୍ଧା ନିଖୋଜ ପିଲାଟିର କୌଣସି ସନ୍ଧାନ ମିଳିପାରି ନାହିଁ।

## ମିସ୍ ଆଇଲାଣ୍ଡ ପ୍ରତିଯୋଗିତାରେ ନରସିଂହପୁରର ଝିଅ ଜସ୍ମିନ୍

ନରସିଂହପୁର,୨୬।୫(ସମିସ): କଟକ ଜିଲ୍ଲା ନରସିଂହପୁର ବ୍ଲକ ବନ୍ଧହୁଡ଼ା ଗ୍ରାମର ଝିଅ ଜସ୍ମିନ୍ ସାହୁ (ମନୋରଞ୍ଜନ ସାହୁ ଓ ମିନତୀ ସାହୁଙ୍କ କନ୍ୟା) ଆସନ୍ତା ଅଗଷ୍ଟ ୧୯ ରୁ ୨୩ ତାରିଖ ପର୍ଯ୍ୟନ୍ତ ବ୍ୟାଙ୍କକ୍‌ରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ସୁନ୍ଦରୀ ପ୍ରତିଯୋଗିତା "ମିସ୍ ଆଇଲାଣ୍ଡ' ପାଇଁ ମନୋନୀତ ହୋଇଛନ୍ତି। ବର୍ତ୍ତମାନ ସେ ପରିବାର ସହ ସମ୍ବଲପୁରରେ ରହୁଥିବା ବେଳେ ମଦନାବତୀ ପବ୍ଲିକ୍ ସ୍କୁଲର ଯୁକ୍ତଦୁଇ (+୨) ଦ୍ୱିତୀୟ ବର୍ଷର ଛାତ୍ରୀ ଅଟନ୍ତି। ସୂଚନାଯୋଗ୍ୟ ଯେ ଚଳିତ ମାସ କେରଳର କୋଝିକୋଡ୍‌ଠାରେ ଆୟୋଜିତ ଜାତୀୟସ୍ତରୀୟ "ମିଷ୍ଟର ଆଣ୍ଡ ମିସ୍ ଏକ୍ସଟ୍ରିମ୍ ସୁପର ଗ୍ଲୋବ୍-ଇଣ୍ଡିଆ' ପ୍ରତିଯୋଗିତାରେ ଜସ୍ମିନ୍ ପ୍ରଥମ ରନର୍ସଅପ୍ (ଉପ-ବିଜେତା) ହେବା ସହ "ବେଷ୍ଟ ନ୍ୟାସନାଲ କଷ୍ଟ୍ୟୁମ୍' ପୁରସ୍କାର ମଧ୍ୟ ହାସଲ କରିଥିଲେ। ତାଙ୍କର ଏହି ଅନ୍ତର୍ଜାତୀୟ ସଫଳତା ପାଇଁ ନରସିଂହପୁର ତଥା ସମଗ୍ର ଓଡ଼ିଶାରେ ଖୁସିର ଲହରୀ ଖେଳିଯାଇଛି।




## ବିଡିଓଙ୍କୁ ଗାଁସାଥୀ ସଂଘର ଦାବିପତ୍ର

ଟାଙ୍ଗୀ,୨୬।୫(ସମିସ): ମାସିକ ପ୍ରୋତ୍ସାହନ ରାଶି ବୃଦ୍ଧି, ସ୍ଥାୟୀ ନିଯୁକ୍ତି ଏବଂ ଉପଯୁକ୍ତ ପ୍ରଶିକ୍ଷଣ ସମେତ ୭ ଦଫା ଦାବି ନେଇ ଗାଁସାଥୀ ମେଟ୍ ସଂଘ ମିଳିତ କାର୍ଯ୍ୟାନୁଷ୍ଠାନ କମିଟି (ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶାଖା) ପକ୍ଷରୁ ମଙ୍ଗଳବାର ବିଡ଼ିଓ ଏନ୍. ଏନ୍. ରାଜଲକ୍ଷ୍ମୀ ଓଝାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘର ଜିଲ୍ଲା ଆବାହକ ଉମେଶ ଚନ୍ଦ୍ର ସାମଲ, ବ୍ଲକ ସଭାପତି ନାରାୟଣ ସାହୁ, ସମ୍ପାଦିକା କବିତା ବେହେରା, ଜ୍ଞାନରଞ୍ଜନ ବିଶ୍ୱାଳ, ମାଧବଚନ୍ଦ୍ର ମହାନ୍ତି, ଅକ୍ଷୟ ବାରିକ ଏବଂ ଗୌତମ ସାହୁଙ୍କ ସମେତ ସଂଘର ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ହାଇୱା-ଟ୍ରକ୍ ମୁହାଁମୁହିଁ ଧକ୍କା; ଚାଳକ ଗୁରୁତର

ତିଗିରିଆ,୨୬।୫(ସମିସ): ତିଗିରିଆ ଥାନା ଅଧୀନ ମହାବୀର ବଜାର ଏଚପି ଗ୍ୟାସ ଅଫିସ ନିକଟରେ ମଙ୍ଗଳବାର ସକାଳେ ଏକ ଚିପ୍ସ ବୋଝେଇ ହାଇୱା ଓ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଚାଳକଙ୍କ ଆଖି ଲାଗିଯିବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ବେଳେ ଉଭୟ ଗାଡ଼ି ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ଅଗ୍ନିଶମ ବାହିନୀ କର୍ମଚାରୀମାନେ ଗାଡ଼ିର ଷ୍ଟିୟରିଙ୍ଗକୁ କାଟି ଗୋଡ଼ ଭାଙ୍ଗିଯାଇଥିବା ଗୁରୁତର ଚାଳକଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ପ୍ରଥମେ ତିଗିରିଆ ଓ ପରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷରେ ଅନ୍ୟ ଟ୍ରକର ଚାଳକ ସୁରକ୍ଷିତ ଥିବା ଜଣାପଡ଼ିଛି। ତିଗିରିଆ ପୁଲିସ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଥିବା ବେଳେ ଆଇଆଇସି ରମାକାନ୍ତ ନାୟକଙ୍କ ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇନାହିଁ। ଅଞ୍ଚଳରେ ବେଆଇନ ଖଣିଜ ସାମଗ୍ରୀ ପରିବହନ କରୁଥିବା ଗାଡ଼ିଗୁଡ଼ିକର ବେପରୁଆ ଚଳାଚଳ ଯୋଗୁଁ ନିୟମିତ ଏଭଳି ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।



## ଠିକାଦାର ମର୍ଜିରେ ଗ୍ରାମ୍ୟ ଉନ୍ନୟନ ବିଭାଗ

# ନବନିର୍ମିତ ରାସ୍ତା ଫାଟି ଦବିଗଲା; ତଦନ୍ତ ଦାବି

ନିଶ୍ଚିନ୍ତକୋଇଲି,୨୬।୫(ସମିସ): ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗର ଚରମ ଅବହେଳା, ଦାୟିତ୍ୱହୀନତା ଓ ବ୍ୟାପକ ପିସି କାରବାର ଯୋଗୁଁ ଅଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ କାର୍ଯ୍ୟର କୌଣସି ତଦାରଖ କରୁ ନ ଥିବା ବେଳେ ଠିକାଦାର ନିଜ ମନମୁଖୀ ଭାବେ ଅତି ନିମ୍ନମାନର ସାମଗ୍ରୀ ବ୍ୟବହାର କରି କାର୍ଯ୍ୟ ଶେଷ କରୁଥିବା ଅଭିଯୋଗ ହୋଇଛି। ଏହି କ୍ରମରେ ବିଭାଗ ଅଧୀନରେ ଥିବା କାଜିହାଟ ଗ୍ରାମ୍ୟ ଉନ୍ନୟନ ରାସ୍ତାର ନବନିର୍ମିତ ପ୍ରଶସ୍ତୀକରଣ କାର୍ଯ୍ୟ ଶେଷ ହେବା ପୂର୍ବରୁ ହିଁ ବିଭିନ୍ନ ସ୍ଥାନରେ ଫାଟି ଦବିଯାଇଥିବା ଦେଖିବାକୁ ମିଳିଛି। ସରକାରୀ ଅର୍ଥର ଏଭଳି ବ୍ୟାପକ ହରିଲୁଟ୍ ଓ ନିମ୍ନମାନର କାର୍ଯ୍ୟକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଏବଂ ଜନଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ଥିବା ଏହି କାଜିହାଟ ରାସ୍ତାର ଲାଲବାଗଠାରୁ ଅର୍ଜୁନମାହାରା ପର୍ଯ୍ୟନ୍ତ ଉନ୍ନତିକରଣ କାର୍ଯ୍ୟ ଚାଲିଛି। କେନାଲ ବନ୍ଧ ପାଶ୍ୱର୍ରେ ଏହି ରାସ୍ତାକୁ ଓସାରିଆ କରିବା ପାଇଁ ବିଗତ ଏକ ବର୍ଷ ହେବ



ବନ୍ଧ ସୁରକ୍ଷା ପାଚେରୀ ନିର୍ମାଣ କରାଯାଉଥିଲା। ମାତ୍ର ଅତି ନିମ୍ନମାନର କାର୍ଯ୍ୟ ଯୋଗୁଁ ଏହି ପାଚେରୀ ନିର୍ମାଣ ସମୟରେ ହିଁ ଦୁଇରୁ ତିନି ଥର ଭୁଶୁଡ଼ି ପଡ଼ିଥିଲା, ଯାହାକୁ ପରବର୍ତ୍ତୀ ସମୟରେ କୌଣସି ପ୍ରକାରେ ଠିଆ କରାଯାଇଥିଲା। ବର୍ତ୍ତମାନ ଏହି କେନାଲ ବନ୍ଧ ରାସ୍ତାକୁ ପ୍ରାୟ ୩ ଫୁଟ୍ ପ୍ରଶସ୍ତ କରିବା ପାଇଁ ଗୋଟିଏ ପାଶ୍ୱର୍ରେ କଂକ୍ରିଟ୍ ଢଳେଇ କାର୍ଯ୍ୟ କରାଯାଉଛି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଠିକାଦାରଙ୍କ ସହ ମଧୁଚନ୍ଦ୍ରିକା ଯୋଗୁଁ ଏଠାରେ ସରକାରୀ ନିୟମକୁ ଜଳାଞ୍ଜଳି ଦିଆଯାଇଛି। ଫଳରେ ଅଳ୍ପ ଦିନ ତଳେ ହୋଇଥିବା ନୂତନ ଢଳେଇ ରାସ୍ତାଟି ବର୍ଷା ନ ହେଉଣୁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇ ଦବିଯିବାକୁ ବସିଲାଣି। ରାସ୍ତା ନିର୍ମାଣର ପ୍ରାରମ୍ଭିକ ପର୍ଯ୍ୟାୟରୁ ହିଁ ଏଭଳି ଶୋଚନୀୟ ସ୍ଥିତି ଉପୁଜିଥିବାରୁ ଏହି ପ୍ରକଳ୍ପର ସ୍ଥାୟିତ୍ୱ ଓ ଜନସାଧାରଣଙ୍କ ସୁରକ୍ଷା ନେଇ ଆଶଙ୍କା ପ୍ରକାଶ ପାଇଛି। ଏତେ ବଡ଼ ଅନିୟମିତତା ସତ୍ତ୍ୱେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଠିକାଦାର ବିରୋଧରେ କୌଣସି ପଦକ୍ଷେପ ନିଆନଯିବା ଅଧିକାରୀଙ୍କ ସଂପୃକ୍ତିକୁ ସ୍ପଷ୍ଟ କରୁଛି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏହି ରାସ୍ତା ଉନ୍ନତିକରଣ କାର୍ଯ୍ୟର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ଦୋଷୀ ଯନ୍ତ୍ରୀ ଓ ଅସାଧୁ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମସ୍ତିଷ୍କାଘାତରେ ମହିଳାଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୨୬।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ବରାଦୋ ଗ୍ରାମର ଅଜୟ କୁମାର ରାଉତଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ରାଉତ (୫୨)ଙ୍କର ମସ୍ତିଷ୍କାଘାତ ଯୋଗୁଁ ପରଲୋକ ଘଟିଛି। ସେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଛି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଏକମାତ୍ର ପୁତ୍ର ବବୁଲ ରାଉତ ମୁଖାଗ୍ନି ଦେଇଛନ୍ତି। ତାଙ୍କ ବିୟୋଗ ଖବର ପାଇ ପାଟପୁର ବାପୁଜୀ ବିଦ୍ୟାପୀଠର ୧୯୮୨ ମାଟ୍ରିକ ବ୍ୟାଚ୍ "ସୁଇଟ୍ ଫ୍ରେଣ୍ଡସ୍ ଗ୍ରୁପ୍'ର ସହପାଠୀ ତଥା ଶିଳ୍ପପତି ଉତ୍ସବ ଚରଣ ଭଞ୍ଜ, ଅଧ୍ୟାପକ ବାଣୀରଞ୍ଜନ ସାମଲ, ସୁକାନ୍ତ ଶତପଥି ଓ ବୀଣାପାଣି ଦାସଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନକୁ ଯାଇ ସ୍ୱର୍ଗତ ଅନ୍ନପୂର୍ଣ୍ଣାଙ୍କ ଆତ୍ମା ପ୍ରତି ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## 'ସଣ୍ଡେ ଇନ୍ ସାଇକଲ' ଅଭିଯାନ

ସାଲେପୁର,୨୬।୫(ସମିସ): ସାଲେପୁର ଉପଖଣ୍ଡ ପୁଲିସ ପକ୍ଷରୁ ଏକ ସାଇକଲ ସଚେତନତା ଶୋଭାଯାତ୍ରା "ସଣ୍ଡେ ଇନ୍ ସାଇକଲ' ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିରଞ୍ଚି ନାରାୟଣ ପତି, ଥାନାଧିକାରୀ ମହେଶ୍ୱର ବେହେରା ଏବଂ ଏସଆଇ ନୀଳମାଧବ ପଣ୍ଡା ପ୍ରମୁଖ ଏହି ରାଲିରେ ସାମିଲ ହୋଇଥିଲେ। 'ସାଇକେଲ ଚଳାନ୍ତୁ, ଶରୀରକୁ ସୁସ୍ଥ ରଖନ୍ତୁ ଓ ତୈଳ ବଞ୍ଚାନ୍ତୁ' ବାର୍ତ୍ତା ନେଇ ଏହି ଶୋଭାଯାତ୍ରା ସରସ୍ୱତୀ ଶିଶୁମନ୍ଦିର ରୋଡ୍‌ରୁ ବାହାରି ସହର ପରିକ୍ରମା କରିବା ସହ ସାଲେପୁର କଲେଜ ପରିସରରେ ଶେଷ ହୋଇଥିଲା। ପରିବେଶ ସୁରକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟର ଏହି ନିଆରା ପ୍ରୟାସରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଯୁବକ ଓ ଯୁବତୀ ଅତି ଉତ୍ସାହର ସହ ସାମିଲ ହୋଇଥିଲେ।

## କୃତୀ ଛାତ୍ରୀ ବିଦ୍ୟାଶାଙ୍କୁ ସମ୍ବର୍ଦ୍ଧନା

ସାଲେପୁର,୨୬।୫(ସମିସ): ଚଳିତ ବର୍ଷ ଯୁକ୍ତ ଦୁଇ (+୨) ବିଜ୍ଞାନ ପରୀକ୍ଷାରେ ସାଲେପୁର କଲେଜର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବେଳେ ଅଲିପୁର ଗ୍ରାମର ବିଦ୍ୟାଶା ଦାସ କଲେଜରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ମୋଟ ୫୬୯ ନମ୍ବର (୯୫ ପ୍ରତିଶତ) ରଖି ଏହି ଗୌରବ ହାସଲ କରିଛନ୍ତି। ବିଦ୍ୟାଶା ହେଉଛନ୍ତି ରଜନୀକାନ୍ତ ଦାସଙ୍କ ସୁକନ୍ୟା। ନିଜର ଏହି ଅସାଧାରଣ ସଫଳତା ପାଇଁ ସେ ନିଜ ପିତାମାତା, କଲେଜର ଅଧ୍ୟାପକ-ଅଧ୍ୟାପିକା ଏବଂ କେସିଇ କୋଚିଂ ସେଣ୍ଟରର ଶିକ୍ଷକମାନଙ୍କୁ ଶ୍ରେୟ ଦେଇଛନ୍ତି। ଏହି ଉପଲବ୍ଧ ପାଇଁ ସେ ଅଧ୍ୟୟନ କରୁଥିବା କୋଚିଂ ସେଣ୍ଟର ପକ୍ଷରୁ ତାଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

## ପିପି କଲେଜର ଯୁକ୍ତ ଦୁଇ ପରୀକ୍ଷା ଫଳ ସନ୍ତୋଷଜନକ

ନିଶ୍ଚିନ୍ତକୋଇଲି,୨୬।୫(ସମିସ): ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷାରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟର ଫଳାଫଳ ବେଶ୍ ସନ୍ତୋଷଜନକ ହୋଇଛି। କଲେଜର କଳା ବିଭାଗରେ ମୋଟ ୨୭୬ ଜଣ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୨୬, ଦ୍ୱିତୀୟ ଶ୍ରେଣୀରେ ୩୪ ଏବଂ ତୃତୀୟ ଶ୍ରେଣୀରେ ୧୪୨ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଶୁଭଲକ୍ଷ୍ମୀ ପତି ୪୮୬ ନମ୍ବର ରଖି କଳା ବିଭାଗରେ କଲେଜ ଟପ୍ପର ହୋଇଛନ୍ତି। ସେହିପରି ବିଜ୍ଞାନ ବିଭାଗରେ ମୋଟ ୯୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୪୪, ଦ୍ୱିତୀୟ ଶ୍ରେଣୀରେ ୧୯ ଏବଂ ତୃତୀୟ ଶ୍ରେଣୀରେ ୧୨ ଜଣ ପାସ୍ କରିଛନ୍ତି। ବିଜ୍ଞାନରେ ନିବେଦିତା ବେହେରା ୫୩୦ ନମ୍ବର ସହ କଲେଜ ଟପ୍ପର ଗୌରବ ହାସଲ କରିଛନ୍ତି। ଏହି ସଫଳତା ପାଇଁ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀମାନେ ନିଜ ଶିକ୍ଷକ ଶ୍ରେଣୀଙ୍କୁ କୃତଜ୍ଞତା ଜଣାଇଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡ. ତରୁଲତା ଦେବୀ ସମସ୍ତ କୃତୀ ଛାତ୍ରଛାତ୍ରୀ ଓ ଦୁଇ ଟପ୍ପରଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ସ୍ୱାଗତ ଜଣାଇଛନ୍ତି।

## ଭ୍ରାମ୍ୟମାଣ ଚିକିତ୍ସା ସେବାର ଶୁଭାରମ୍ଭ




ଟାଙ୍ଗୀ,୨୬।୫(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱାଳିସ୍ଥିତ କପିଳାସ ସିମେଣ୍ଟ ମ୍ୟାନୁଫେକ୍‌ଚରିଂ ୱାର୍କସ ଅଧୀନସ୍ଥ ଡାଲମିଆ ଭାରତ ଫାଉଣ୍ଡେସନ ଆନୁକୂଲ୍ୟରେ ଏବଂ ୱକ୍ ହାର୍ଡଟ ଫାଉଣ୍ଡେସନ ସହଯୋଗରେ ସୋମବାର ଅମୀୟଝରୀ ଗ୍ରାମରେ ଏକ ଭ୍ରାମ୍ୟମାଣ ଚିକିତ୍ସା ସେବାର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। କେସିଡବ୍ଲୁ ୟୁନିଟ୍ ହେଡ୍ ଦେବୀ ପ୍ରସାଦ ଦାସ, ଏଚ୍‌ଆର ହେଡ୍ ସୁଧିରରଞ୍ଜନ ମହାନ୍ତି, ପାରିଆ ପଞ୍ଚାୟତ ସରପଞ୍ଚ ବେଣୁଧର ବିଶ୍ୱାଳ ଏବଂ ପ୍ରକଳ୍ପ ମ୍ୟାନେଜର ଗୁଲଜରିଲାଲ ବିଶ୍ୱାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ସେବାର ଉଦ୍‌ଘାଟନ କରିଥିଲେ। ଡାଲମିଆ ଚିକିତ୍ସକ ଡା. ଦୀପରାଜ ଦାଶ ଓ ସିଏସ୍‌ଆର ମୁଖ୍ୟ କବିତା ସାହୁଙ୍କ ସମେତ ବିଭିନ୍ନ ଗ୍ରାମର ଜନପ୍ରତିନିଧି ଉପସ୍ଥିତ ଥିଲେ। କମ୍ପାନୀର ଲୋକସମ୍ପର୍କ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଭ୍ରାମ୍ୟମାଣ ଚିକିତ୍ସା ଗାଡ଼ିରେ ଜଣେ ଚିକିତ୍ସକ, ଫାର୍ମାସିଷ୍ଟ, ନର୍ସ ଓ ଜଣେ ଚାଳକ ରହି ଗ୍ରାମାଞ୍ଚଳରେ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବେ। ଏହି ସେବା ପୂର୍ବରୁ ଗରୁଡ଼ଗାଁ, ସଫା, କନ୍ହେଇପୁର ଏବଂ ଉଚ୍ଚପଦା ପଞ୍ଚାୟତରେ ସଫଳତାର ସହ ଜାରି ରହିଛି।

## ଜିଗ୍ନିପୁର ସମବାୟ ସମିତି ଗୃହ ନିର୍ମାଣରେ ବ୍ୟାପକ ଦୁର୍ନୀତି

# ୩୦ ଲକ୍ଷର ଅନୁଦାନ ବାଟମାରଣା; ତଦନ୍ତ ଦାବି

ନିଶ୍ଚିନ୍ତକୋଇଲି,୨୬।୫(ସମିସ)



ଗ୍ରାମାଞ୍ଚଳରେ ଥିବା କୃଷି ଋଣ ସମବାୟ ସମିତିଗୁଡ଼ିକର ଉନ୍ନତୀକରଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆସିଥିବା ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଏବେ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ଅଞ୍ଚଳରେ ବାଟମାରଣା ହେବାକୁ ବସିଛି। ପ୍ରଥମ ପର୍ଯ୍ୟାୟରେ ନିଶ୍ଚିନ୍ତକୋଇଲି ବ୍ଲକର ୬ଟି ସମବାୟ ସମିତି ପାଇଁ ୩୦ ଲକ୍ଷ ଟଙ୍କା ଲେଖାଏଁ (୧୦ ଲକ୍ଷ କାର୍ଯ୍ୟାଳୟ ଓ ୨୦ ଲକ୍ଷ ଗୋଦାମ ଗୃହ ନିର୍ମାଣ ନିମନ୍ତେ) ଅନୁଦାନ ପ୍ରଦାନ କରାଯାଇଛି। ମାତ୍ର ବର୍ତ୍ତମାନ ଚାଲିଥିବା ଜିଗ୍ନିପୁର କୃଷିଋଣ ସମବାୟ ସମିତିର କାର୍ଯ୍ୟାଳୟ ଓ ଗୋଦାମ ଗୃହ ନିର୍ମାଣ କାର୍ଯ୍ୟରେ ଚରମ ଅନିୟମିତତା ଏବଂ ଦୁର୍ନୀତି ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କେନ୍ଦ୍ର ସରକାରଙ୍କ ଅନୁଦାନରେ ଓସ୍‌ଡମା ଦାୟିତ୍ୱରେ ଏବଂ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟିର ତଦାରଖରେ ଏହି ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଉପଯୁକ୍ତ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ଠିକାଦାର ଅତି ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ପୂର୍ବରୁ ମୂଳଦୁଆ ଓ ପିଲର କାମରେ ତ୍ରୁଟି ଯୋଗୁଁ ଠିକାଦାରଙ୍କ ବିଲ୍ ସ୍ଥଗିତ ରଖାଯାଇଥିଲେ ହେଁ, ସେ କୌଶଳକ୍ରମେ ଆରଏମ୍‌ସିର ଉଚ୍ଚ ପଦସ୍ଥ ଅଧିକାରୀ ଓ ସମ୍ପାଦକଙ୍କୁ ହାତ କରି ବିଲ୍ ହାତେଇବାରେ ସଫଳ ହୋଇଥିଲେ। ସାଙ୍ଘାତିକ ବିଷୟ ହେଉଛି, ଗତ ୩ ଦିନ ତଳେ ଏହି ଗୃହର ଛାତ ପକା କାର୍ଯ୍ୟ କରାଯାଇଥିବା ବେଳେ ଘଟଣାସ୍ଥଳରେ କୌଣସି ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ, କନିଷ୍ଠ ଯନ୍ତ୍ରୀ କିମ୍ବା ଖୋଦ୍ ଠିକାଦାର ମଧ୍ୟ ଉପସ୍ଥିତ ନ ଥିଲେ। ଠିକାଦାରଙ୍କ ସୁପରଭାଇଜର ସମ୍ପୂର୍ଣ୍ଣ ମନମୁଖୀ ଭାବେ ସରକାରୀ ନୀତି ନିୟମକୁ ଉଲ୍ଲଂଘନ କରି ଛାତ କାମ ଶେଷ କରିଛନ୍ତି। ବିଭାଗୀୟ ନିୟମ ଅନୁଯାୟୀ ୧:୧.୫:୩ ସିମେଣ୍ଟ, ବାଲି ଓ ଗୋଡ଼ିର ଅନୁପାତରେ ଛାତ କାର୍ଯ୍ୟ ହେବା କଥା, ମାତ୍ର ଏଠାରେ ୧:୩:୫ ଅନୁପାତରେ ଅତି ପତଳା ଓ ନିମ୍ନମାନର କଂକ୍ରିଟ୍ ପକାଯାଇଛି। ଛାତ ପକାଇବାରେ ପୁରୁଣା ଗଚ୍ଛିତ, ମୁଣ୍ଡା ପାଲଟିଯାଇଥିବା ସିମେଣ୍ଟ ସହିତ ଅଳିଆ ଆବର୍ଜନା ମିଶ୍ରିତ ବାଲି ଓ ଚିପ୍ସ ବ୍ୟବହାର କରାଯାଇଛି। ଏହି ସମ୍ପର୍କରେ ଆରଏମ୍‌ସିର ମୁଖ୍ୟ ତଥା ଉପଜିଲ୍ଲାପାଳଙ୍କୁ ତୁରନ୍ତ ଅବଗତ କରାଯାଇଥିଲେ ମଧ୍ୟ ସେ ଏହାକୁ ଗୁରୁତ୍ୱ ଦେଇନଥିବା ବେଳେ, ଆରଏମ୍‌ସି ସମ୍ପାଦକ ଦୁଇ ଜଣ ଅନଭିଜ୍ଞ କର୍ମଚାରୀଙ୍କୁ ପଠାଇ କେବଳ ଫଟୋ ଉଠାଇ କର୍ତ୍ତବ୍ୟ ଶେଷ କରିଛନ୍ତି। ଗୃହ ଓ ଗୋଦାମ ନିର୍ମାଣରେ ଏଭଳି ଦୁର୍ନୀତି ଯୋଗୁଁ କେନ୍ଦ୍ର ସରକାରଙ୍କ ୩୦ ଲକ୍ଷ ଟଙ୍କା ପାଣିରେ ପଡ଼ିବା ସହ ଗୃହଟି କେତେବେଳେ ମଧ୍ୟ ଭୁଷୁଡ଼ି ପଡ଼ିବାର ଆଶଙ୍କା ଦେଖାଦେଇଛି।

## ପାଣି ପାଇପ୍ ପାଇଁ ଖୋଳିଦେଲେ ସଡ଼କ

## ମରାମତି ଅଭାବରୁ ବଢୁଛି ଦୁର୍ଘଟଣା



ସାଲେପୁର,୨୬।୫(ସମିସ): ସାଲେପୁର ବ୍ଲକ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ଆଳରେ ନବନିର୍ମିତ କଂକ୍ରିଟ୍ ରାସ୍ତାକୁ ବେପରୁଆ ଭାବେ ଖୋଳି ପ୍ରଶାସନ ଛାଡ଼ି ଦେଇଥିବାରୁ ସ୍ଥାନୀୟ ପଥଚାରୀ ଓ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଚଳିତ ଗ୍ରୀଷ୍ମ ପ୍ରବାହ ସମୟରେ ଜଳ ସଙ୍କଟ ଦୂର କରିବା ପାଇଁ ପିକୋଳ ପଞ୍ଚାୟତ ପମ୍ପ ହାଉସରୁ ପାଇପ୍‌ଲାଇନ୍ ସଂଯୋଗ କାର୍ଯ୍ୟ ଚାଲିଛି। ଏହି ପରିପ୍ରେକ୍ଷୀରେ ବୋଦାମୁଣ୍ଡାଇଠାରୁ ମାଳ ପର୍ଯ୍ୟନ୍ତ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର କଂକ୍ରିଟ୍ ରାସ୍ତାକୁ ଠିକାଦାର ସଂସ୍ଥା ପକ୍ଷରୁ ପ୍ରତି ୧୦ ମିଟର ବ୍ୟବଧାନରେ ଖୋଳାଯାଇ ପଡ଼ୋଶୀ ପଞ୍ଚାୟତକୁ ପାଇପ୍ ନିଆଯାଉଛି। ନିୟମ ଅନୁଯାୟୀ ପାଇପ୍ ପଡ଼ିବା ପରେ ରାସ୍ତାକୁ ପୁନଃ କଂକ୍ରିଟ୍ କରି ମରାମତି କରିବାର ଥିବା ବେଳେ ଠିକାଦାର ସଂସ୍ଥା କେବଳ ବାଲି ପୂରାଇ ଏହାକୁ ସମତୁଲ କରି ଦେଇଛି। ଫଳରେ ଗାଡ଼ି ମୋଟର ଚଳାଚଳ ବେଳେ ସେହି ସ୍ଥାନଗୁଡ଼ିକ ଖାଲ ହୋଇଯାଉଥିବାରୁ ନିୟମିତ ଦୁର୍ଘଟଣା ଘଟୁଛି। ପ୍ରକାଶଥାଉ କି, ବାରିଗୋଳ ପଞ୍ଚାୟତର ନିଜସ୍ୱ ପମ୍ପ ହାଉସ୍ ପ୍ରାୟ ୧ ବର୍ଷ ହେବ ଅଚଳ ହୋଇପଡ଼ିଥିବାରୁ, ସେହି ଅଞ୍ଚଳକୁ ଜଳ ଯୋଗାଇବା ପାଇଁ ପିକୋଳ ପଞ୍ଚାୟତର ପାଇପ୍‌ଲାଇନ୍‌ରୁ ଏହି ସଂଯୋଗ ଦିଆଯାଉଛି। ମାତ୍ର ଏହି ପ୍ରକ୍ରିୟାରେ ଭଲ ରାସ୍ତାକୁ ନଷ୍ଟ କରାଯାଉଥିବାରୁ ଉକ୍ତ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତାର ସ୍ଥାୟୀ ମରାମତି କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ମା' ଧାକୁଲେଇଙ୍କ ରଜ ମହୋତ୍ସବ ପ୍ରସ୍ତୁତି ବୈଠକ



କଟକ,୨୬।୫(ସମିସ): କଟକ ମହାନଗର ନିଗମ ୫୮ ନମ୍ବର ୱାର୍ଡ ଅନ୍ତର୍ଗତ ପ୍ରତାପନଗରୀସ୍ଥିତ ମା' ଧାକୁଲେଇ ପୀଠ ପରିସରରେ "ମା' ଧାକୁଲେଇ ରଜ ମହୋତ୍ସବ ୨୦୨୬' ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ପରମ୍ପରାର ସୁରକ୍ଷା ପାଇଁ ପ୍ରତାପନଗରୀ ଗ୍ରାମବାସୀ ଓ ମା' ଧାକୁଲେଇ ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ଚଳିତ ବର୍ଷ ଆସନ୍ତା ଜୁନ୍ ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ୪ ଦିନ ବ୍ୟାପି ଏହି ମହୋତ୍ସବ ପାଳିତ ହେବ। ଚଳିତ ବର୍ଷ ମହୋତ୍ସବରେ ୨୦୦ରୁ ଅଧିକ ଛୋଟବଡ଼ ଦୋଳି ଲଗାଯିବାର ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଗ୍ରାମର ୧୦୦ ଜଣ ଯୁବକ-ଯୁବତୀଙ୍କୁ ନେଇ ଏକ ସ୍ୱେଚ୍ଛାସେବୀ ଦଳ ଗଠନ କରାଯାଇଥିବା ବେଳେ କଟକ ସଦର ପୁଲିସ, ଦମକଳ ବାହିନୀ ଓ ମେଡିକାଲ ଟିମ୍ ମୁତୟନ ରହିବେ। ଏହାସହିତ ସମସ୍ତଙ୍କ ପାଇଁ ମାଗଣା ଖାଦ୍ୟପେୟର ବ୍ୟବସ୍ଥା କରାଯାଇଛି। ଏହି ୪ ଦିନ ମଧ୍ୟରେ କୁଆଁରୀ ଝିଅ, ମହିଳା ଓ ଗୃହିଣୀମାନଙ୍କ ପାଇଁ ପୋଡ଼ପିଠା, ପୁଚି, ନୃତ୍ୟ, ମୁରୁଜ, ସଙ୍ଗୀତ ଚେୟାର ଓ ଶଙ୍ଖ ଫୁଙ୍କିବା ଭଳି ଅନେକ ପାରମ୍ପରିକ ତଥା ମନୋରଞ୍ଜନଧର୍ମୀ ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରସ୍ତୁତି ବୈଠକରେ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ପ୍ରମୋଦ ସ୍ୱାଇଁ, ସହସମ୍ପାଦକ ବାଦଲ ଜେନା ଏବଂ ଯୁବକ ସଂଘର ବିକ୍ରମ ରାଉତ, ରଞ୍ଜିତ ସ୍ୱାଇଁ ଓ ଶିବୁନ ସେନାପତିଙ୍କ ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ।

## ପି.ପି. ମହାବିଦ୍ୟାଳୟରେ କୃତୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧିତ



ନିଶ୍ଚିନ୍ତକୋଇଲି,୨୬।୫(ସମିସ): ନିଶ୍ଚିନ୍ତକୋଇଲିସ୍ଥିତ ପଞ୍ଚାୟତ ପ୍ରହଲ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଯୁକ୍ତ ଦୁଇ କୃତୀ ବିଦ୍ୟାର୍ଥୀମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ +୨ କଳା ଓ ବିଜ୍ଞାନ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ କଲେଜ ପକ୍ଷରୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଛି। ଏହି ଅବସରରେ ବିଜ୍ଞାନ ବିଭାଗର ନିବେଦିତା ବେହେରା, ଇପ୍‌ସିତା ଦାସ, କୈଳାସ ଚନ୍ଦ୍ର ବୈଶାଖ ଏବଂ କଳା ବିଭାଗର ଶୁଭଲକ୍ଷ୍ମୀ ପତି ଓ ଆଦ୍ୟାଶା ପ୍ରିୟଦର୍ଶିନୀଙ୍କ ସମେତ ୧୦ ଜଣ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜ ଅଧ୍ୟକ୍ଷା ପ୍ରଫେସର ଡ. ତରୁଲତା ଦେବୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ପ୍ରାଧ୍ୟାପକ ରଶ୍ମିରଞ୍ଜନ ପଟ୍ଟନାୟକ, ଶୈକ୍ଷିକ ଅଧିକାରୀ ପ୍ରଶାନ୍ତ ଭାରତୀ, ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ସାମଲ ଓ ଅଧ୍ୟାପକ ରାଜେଶ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଡ. ଅଲେଖ ଚନ୍ଦ୍ର ସାମଲ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଡା. ଦେବଯାନୀ ସିହ୍ନା ଧନ୍ୟବାଦ ଦେଇଥିଲେ।

## କାଇଜେନ୍‌ର ବିଦ୍ୟାର୍ଥୀ ସମ୍ବର୍ଦ୍ଧନା



ନରସିଂହପୁର,୨୬।୫(ସମିସ): ନରସିଂହପୁର ବ୍ଲକ ବାଗଧରିଆସ୍ଥିତ କାଇଜେନ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଯୁକ୍ତ ଦୁଇ (+୨) ବିଜ୍ଞାନ ବିଭାଗର ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ଐଶ୍ୱର୍ଯ୍ୟା ପ୍ରିୟଦର୍ଶିନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଚିତ୍ତରଞ୍ଜନ ଭୂୟାଁ, ଅଧ୍ୟାପକ କୃଷ୍ଣଚନ୍ଦ୍ର ବେହେରା, ମହେନ୍ଦ୍ର ସାହୁ, ସମ୍ବିତ ମହାନ୍ତି, କେଶବ ଚନ୍ଦ୍ର ବେହେରା ଓ ବିଷ୍ଣୁ ପ୍ରସାଦ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଚଳିତ ଶିକ୍ଷାବର୍ଷ +୨ ବିଜ୍ଞାନ ପରୀକ୍ଷାରେ ୫୬୪ ନମ୍ବର ରଖି ନରସିଂହପୁର ବ୍ଲକ ଟପ୍ପର ହୋଇଥିବା କୃତୀ ଛାତ୍ରୀ ତୃପ୍ତିମୟୀ ଦାସଙ୍କ ସମେତ ଅନୁଷ୍ଠାନର ୧୦୫ ଜଣ ସଫଳ ବିଦ୍ୟାର୍ଥୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ଟ୍ୱିଙ୍କିଲ ଚାନ୍ଦ, ଅଭିଲିପ୍ସା କଟୁଆଳ ଓ ଝରଣା ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପକ ସାଗର ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପୁଲିସ ପକ୍ଷରୁ ଜଳସେବା କେନ୍ଦ୍ର ଉଦ୍‌ଘାଟିତ

ଚୌଦ୍ୱାର,୨୬।୫(ସମିସ): ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଚୌଦ୍ୱାର ଥାନା ଅନ୍ତର୍ଗତ ଟିପିଏମ୍ ଫାଣ୍ଡୀ ପୁଲିସ ତରଫରୁ ଟିପିଏମ୍ ବଜାରଠାରେ ଏକ ଜଳ ସେବା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ପଥଚାରୀ ଓ ଶ୍ରଦ୍ଧାଳୁଙ୍କ ତୃଷ୍ଣା ନିବାରଣ ଉଦ୍ଦେଶ୍ୟରେ ଆୟୋଜିତ ଏହି କେନ୍ଦ୍ରକୁ ଫାଣ୍ଡୀ ଅଧିକାରୀ ଯୋଗେଶ କୁମାର ବେଜ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ସୂଚନାଯୋଗ୍ୟ, ୫୫ ନମ୍ବର ଜାତୀୟ ରାଜପଥର ଧୂମାବତୀ ଛକରୁ ବାହାରି ଟିପିଏମ୍ ବଜାର ଦେଇ ଯାଇଥିବା ଏହି ରାସ୍ତାଟି ପ୍ରସିଦ୍ଧ ଶୈବପୀଠ ବାବା ଧବଳେଶ୍ୱର ମନ୍ଦିରକୁ ସଂଯୋଗ କରୁଛି। ପ୍ରତିଦିନ ଆଠଗଡ଼ ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକର ଶହ ଶହ ଜନସାଧାରଣ ତଥା ଶ୍ରଦ୍ଧାଳୁଙ୍କ ପାଇଁ ଏହା ବେଶ୍ ସହାୟକ ହେବ ବୋଲି କୁହାଯାଇଛି। ଏହି ମାନବୀୟ କାର୍ଯ୍ୟକ୍ରମକୁ ରଶ୍ମିରଞ୍ଜନ ବେହେରା, ବିଦ୍ୟାଧର ବେହେରା, ବିରେନ ନାୟକ ଏବଂ ରାଜେଶ ସ୍ୱାଇଁ ପ୍ରମୁଖ ପରିଚାଳନା କରୁଛନ୍ତି।



# ଧାନ କିଣାରେ ମାଫିଆ-ଆର୍‌ଏମ୍‌ସି ଅସାଧୁ ମେଣ୍ଟ

ନିଶ୍ଚିନ୍ତକୋଇଲି,୨୬।୫(ସମିସ)

- ବାହାର ରାଜ୍ୟକୁ ଚାଲାଣ ହେଉଛି ଶହ ଶହ କୁଇଣ୍ଟାଲ ଧାନ
- ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି




ସରକାରୀ ମଣ୍ଡିଗୁଡ଼ିକ ବନ୍ଦ ହେବା ପରେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଚାଷୀଙ୍କ ଅସହାୟତାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀ ଏବଂ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀଙ୍କ ମଧ୍ୟରେ ଏକ ବଡ଼ ଧରଣର ସଲାସୁତୁରା ଚାଲିଥିବା ଅଭିଯୋଗ ହୋଇଛି। ଚଳିତ ଖରିଫ ଋତୁରେ ବ୍ଲକରେ ବ୍ୟାପକ ଧାନ ଅମଳ ହୋଇଥିବା ବେଳେ ମଣ୍ଡି ବନ୍ଦ ଯୋଗୁଁ ଚାଷୀଙ୍କ ନିକଟରେ ଏବେ ମଧ୍ୟ ଶହ ଶହ କୁଇଣ୍ଟାଲ ଧାନ ଗଚ୍ଛିତ ରହିଛି। ଏହାର ସୁଯୋଗ ନେଇ ସ୍ଥାନୀୟ ମାଫିଆ ଓ ବ୍ୟବସାୟୀମାନେ ସରକାରୀ ଧାର୍ଯ୍ୟ ମୂଲ୍ୟ କୁଇଣ୍ଟାଲ ପିଛା ୨୩୬୯ ଟଙ୍କା ବଦଳରେ ଚାଷୀଙ୍କଠାରୁ ମାତ୍ର ୧୭୦୦ରୁ ୧୮୦୦ ଟଙ୍କାରେ ଧାନ କିଣି ଶୋଷଣ କରୁଛନ୍ତି। ଉକ୍ତ ଧାନକୁ ନତକାଇ ଶକ୍ତିଶ୍ୱର ମାର୍କେଟ କମ୍ପ୍ଲେକ୍ସ, ନିଶ୍ଚିନ୍ତକୋଇଲି କଲେଜ ଛକ, ବଡ଼କ୍ଷୀର ପଣସପଡ଼ିଆ, ବରପଡ଼ା, ବରକୋଳିଆ, ନରେନ୍ଦ୍ରପୁର, ଜିଗ୍ନିପୁର ଓ ରାମକୃଷ୍ଣପୁର ଭଳି ପ୍ରମୁଖ ସ୍ଥାନରୁ ପ୍ରତିଦିନ ୧୨ ଚକିଆ ବିଶାଳ ଟ୍ରକ ଯୋଗେ ପଶ୍ଚିମବଙ୍ଗ ଏବଂ ଆନ୍ଧ୍ରପ୍ରଦେଶ ଭଳି ବାହାର ରାଜ୍ୟକୁ ବେଆଇନ ଭାବେ ଚାଲାଣ କରାଯାଉଛି।

ସରକାରୀ ନିୟମାନୁଯାୟୀ, କୌଣସି ଅଞ୍ଚଳରୁ କୃଷିଜାତ ଦ୍ରବ୍ୟ ବାହାର ରାଜ୍ୟକୁ ଚାଲାଣ ହେଲେ ଆରଏମ୍‌ସି ସମୁଦାୟ ମୂଲ୍ୟର ୨ ପ୍ରତିଶତ କର ଆଦାୟ କରିବା କଥା। ସେହି ହିସାବରେ ୨୦୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ବୋଝେଇ ଗୋଟିଏ ଟ୍ରକରୁ ପ୍ରାୟ ୧୦ ହଜାର ଟଙ୍କାର ରାଜସ୍ୱ ମିଳିବା କଥା। ମାତ୍ର କେନ୍ଦୁପାଟଣା ଆରଏମ୍‌ସିର କେତେକ ଦାୟିତ୍ୱହୀନ ଅଧିକାରୀ ଓ ଅଫିସର ବ୍ୟବସାୟୀମାନଙ୍କ ସହ ଅସାଧୁ ମେଣ୍ଟ କରି ବିନା ରସିଦ୍‌ରେ କମ୍ ଅର୍ଥ ନେଇ ଗାଡ଼ିଗୁଡ଼ିକୁ ନିର୍ବିଘ୍ନରେ ଛାଡ଼ି ଦେଉଥିବା ଚର୍ଚ୍ଚା ହେଉଛି। କଟକ-ଚାନ୍ଦବାଲି ରାସ୍ତାର ଶିଶୁଆଠାରେ ଥିବା ଆରଏମ୍‌ସି ଚେକ୍ ଗେଟ୍‌ରେ ଦୈନିକ ପ୍ରାୟ ୧୦ଟି ଗାଡ଼ି ଚାଲାଣ ହେଉଥିବା ବେଳେ ମାତ୍ର ୨-୩ଟି ଗାଡ଼ିରୁ କର ଆଦାୟ କରାଯାଉଛି ଏବଂ ଅନ୍ୟ ଗାଡ଼ିଗୁଡ଼ିକରୁ ମାତ୍ର ହଜାରେରୁ ଦୁଇ ହଜାର ଟଙ୍କା ପକେଟ୍ ଗରମ କରି ବାଟ ଛାଡ଼ି ଦିଆଯାଉଛି। ଏହି ଗେଟ୍‌ରେ କୌଣସି ଅଭିଜ୍ଞ ଅଧିକାରୀଙ୍କ ବଦଳରେ ଅନଭିଜ୍ଞ ୟାର୍ଡମ୍ୟାନ୍‌ଙ୍କୁ ରଖାଯାଇ ଏଭଳି ଦୁର୍ନୀତି କରାଯାଉଛି। ଏହି ବ୍ୟାପକ ରାଜସ୍ୱ ବାଟମାରଣାର ବିଧିବଦ୍ଧ ତଦନ୍ତ କରିବା ସହ ଚଳିତ ବର୍ଷ ବାହାରକୁ ଯାଇଥିବା ଧାନର ସଠିକ ଆକଳନ କରି ଦୋଷୀ କର୍ମଚାରୀ ଓ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଟକ ଜିଲ୍ଲାପାଳଙ୍କ ନିକଟରେ ସ୍ଥାନୀୟ ଜନସାଧାରଣ ଓ ଚାଷୀ ମହଲରୁ ଦୃଢ଼ ଦାବି ହୋଇଛି।

## ଜିଗ୍ନିପୁରରେ ପଞ୍ଚାୟତସ୍ତରୀୟ ଜନଶୁଣାଣି

ନିଶ୍ଚିନ୍ତକୋଇଲି,୨୬।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ପକ୍ଷରୁ ଜିଗ୍ନିପୁର ପଞ୍ଚାୟତସ୍ତରୀୟ ଜନଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଗ୍ନିପୁର, ବରାଦୋ, ଫଗୋଳ ଓ ଜୟରାମପୁର ପଞ୍ଚାୟତର ଶତାଧିକ ଅଧିବାସୀ ନିଜ ନିଜର ସମସ୍ୟା ବାବଦରେ ପ୍ରଶାସନକୁ ଅବଗତ କରାଇଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସର୍ବେଶ୍ୱର ସିଂଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଡିଓ ଦ୍ୱିବେନ୍ଦୁ ଦାସ, ତହସିଲଦାର ଦମୟନ୍ତୀ ସାହୁ, ଅତିରିକ୍ତ ବିଡିଓ ଅଶୋକ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଆପତ୍ତି ଶୁଣିଥିଲେ। ଶିବିରରେ ମୋଟ ୧୬୫ଟି ଅଭିଯୋଗପତ୍ର ପଞ୍ଜିକୃତ ହୋଇଥିଲା, ଯେଉଁଥିରେ ସର୍ବାଧିକ ୬୭ଟି ରେସନକାର୍ଡ, ୫୨ଟି ଆବାସ ଯୋଜନା ପକ୍କାଘର, ୧୯ଟି ସାମାଜିକ ଭତ୍ତା ସମେତ ପରିମଳ, ରାସ୍ତା, ବିଦ୍ୟୁତ ଓ ସୁଭଦ୍ରା ଯୋଜନା ସମ୍ପର୍କିତ ସମସ୍ୟା ସାମିଲ ଥିଲା। ଏଥି ମଧ୍ୟରୁ ୩ଟି ଅଭିଯୋଗର ତତ୍କାଳ ସମାଧାନ ଲାଗି ଅନ୍‌ଲାଇନ୍‌ରେ ଆବେଦନ କରିବାକୁ ପରାମର୍ଶ ଦିଆଯାଇଥିଲା। ଅଙ୍ଗନବାଡି କର୍ମୀ ଓ ସିଆରପିଙ୍କ ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ସରପଞ୍ଚଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ରାଉତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



